Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ସାଧନା ପତ୍ରିକା

ଅଷ୍ଟବିଂଶ ବର୍ଷ ◆ ପ୍ରଥମ ସଂଖ୍ୟା ◆ ଜୁଲାଇ ୨୦୧୮

True Liberty is an ascending movement, not yeilding to the lower instincts.

(13.2.1971) –**The Mother**

ଯଥାର୍ଥ ସ୍ୱତନ୍ତ୍ରତା ହେଲା ଏକ ଉର୍ଦ୍ଧ୍ୱଗାମୀ ଗତି, ନିମ୍ନ ପ୍ରବୃତ୍ତି ହାତରେ ନିଜକୁ ସମର୍ପି ଦେବା ନୁହେଁ।

– ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ୧୫ ଅଗଷ୍ଟ ୨୦୧୮

# ପବିତ୍ର ଜନ୍ମତିଥି



ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ୧୪୬ତମ ପବିତ୍ର ଜନ୍ମଦିବସରେ 'ମାତୃଭବନ ପତ୍ର' ତାଙ୍କ ଚରଣକମଳରେ ବିନମ୍ର କୃତଜ୍ଞତା ଜଣାଉଅଛି।

# ଶ୍ରୀ ରାମକୃଷ୍ଣ ଦାସଙ୍କ ସହ ପତ୍ରାଳାପ...

ବର୍ତ୍ତମାନ ବିଶୃଙ୍ଖଳା ଅନ୍ୟ କୌଣସି ଉପାୟରେ ଦୂର ହେବନାହିଁ। ସମସ୍ତ ପ୍ରଯତ୍ନ ବ୍ୟର୍ଥ ହୋଇସାରିଛି। ଦୂର ହେବ କେବଳ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ହୃଦୟ ରୂପାନ୍ତର ହେବାରେ, ଏହାର ପ୍ରଥମ ପାବଚ୍ଛ ହେଉଛି ପାଠଚକ୍ର। ପାଠଚକ୍ର ଦ୍ୱାରା କ୍ରମଶଃ ଶିକ୍ଷା, ବ୍ୟବସାୟ, ରାଜନୀତି ତଥା ସମାଜରେ ପରିବର୍ତ୍ତନ ଆସିବ। ପାଠଚକ୍ର ଦ୍ୱାରାହିଁ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ଜାଣିପାରିବ। ଜୀବନର ଲକ୍ଷ୍ୟ ପରମ ସୁଖ। ସମସ୍ତ ବ୍ୟକ୍ତିଙ୍କର ଏହି ପରମ ସୁଖ ପ୍ରାପ୍ତ ହୁଏ ଭଗବତପ୍ରାପ୍ତିରେ। ବ୍ୟକ୍ତି ଏହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ନ ଥାଏ। ସେହି ସକାଶେ ଅବିହିତ କାର୍ଯ୍ୟ, ଅନ୍ୟାୟ, ଅସତ୍ୟ ଆଚରଣ କରେ। ଏହାରି ଯୋଗୁଁ ହୁଏ ନିଜର ତଥା ଦେଶର ଅବନତି। ଏହି ଲକ୍ଷ୍ୟ ଜାଣିବା ମାତ୍ରେ ବ୍ୟକ୍ତି କେତେକ ପରିମାଣରେ ଅସତ୍ କାର୍ଯ୍ୟରୁ ନିବୃତ୍ତ ହୁଏ। ବ୍ୟକ୍ତି ଅସତ୍ୟ, ଅନ୍ୟାୟ ଛାଡ଼ିଦେଲେ ସେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରିବ ସେହି କାର୍ଯ୍ୟର ଉନ୍ନତି ହେବ। ଏହିପରି ଲୋକଙ୍କ ସଂଖ୍ୟା ବୃଦ୍ଧି ହେଲେ ଦେଶର ଏବଂ ପରିବାରର ଉନ୍ନତି ହେବ। ଜୀବନ ଏବଂ ଦେଶର ଉନ୍ନତି ସକାଶେ ପାଠଚକ୍ରହିଁ ଭିତ୍ତି। ପ୍ରତ୍ୟେକ ଗ୍ରାମରେ ପାଠଚକ୍ର, ପ୍ରତ୍ୟେକ ସ୍କୁଲରେ ଛାତ୍ର ସମାଜ ହେବା ଉଚିତ।



ପ୍ରତି ମାସ ଶେଷରେ ଭିନ୍ନ ଭିନ୍ନ ପାଠଚକ୍ରରେ ସାମୂହିକ ବା ସମ୍ମିଳିତ ପାଠଚକ୍ର ହେବା ଉଚିତ। ନୂତନ ପାଠଚକ୍ରମାନଙ୍କ ଅଭିବୃଦ୍ଧି ସକାଶେ ଶୁଭେଚ୍ଛା ଜଣାଇ ରହିଲି।

**୧୯.୧.୭୧**

ବଡ଼ ଆନନ୍ଦର କଥା ଆପଣମାନେ ବାର୍ଷିକ ଉତ୍ସବ ପାଳନ କରୁ ଅଛନ୍ତି। ଏହି କାର୍ଯ୍ୟ ଅତ୍ୟନ୍ତ ଉତ୍ତମ। ଏଥିରେ ନିଜର, ପରିବାରର ତଥା ଗ୍ରାମ ଏବଂ ଦେଶର କଲ୍ୟାଣ। ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟରେ ଏହି କାର୍ଯ୍ୟ ହିଁ ଭବିଷ୍ୟତ ସତ୍ୟଯୁଗରେ ପ୍ରବେଶର ଚାବି। ଏହି କାର୍ଯ୍ୟ ଯେତେ ଆନ୍ତରିକତା ସହ ମା'ଙ୍କ ସେବା ଭାବରେ କରିବେ ତେତେ ସୂକ୍ଷ୍ମରେ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ।

ଆପଣମାନଙ୍କର ଆଗ୍ରହ ଥିଲା ଗୋଟିଏ ଲେଖା ପଠାଇବା ସକାଶେ। କିନ୍ତୁ ଆପଣମାନେ ଜାଣନ୍ତି ଆଜିକାଲି ଚିଠିର ଉତ୍ତର ଦେବାରେ ସମୟ ମିଳୁନାହିଁ। ଆଜି ଗୋଟିଏ ଛୋଟିଆ ଲେଖା ପଠାଇଲି। ଆମ୍ଭମାନଙ୍କର ଶୁଭକାମନା ମା'ଙ୍କ ଚରଣରେ ନିବେଦନ କରି ଆଶା କରୁଛୁ ମା'ଙ୍କ କୃପାରୁ ଆପଣମାନଙ୍କ ଅନୁଷ୍ଠାନ ସର୍ବାଙ୍ଗ ସୁନ୍ଦର ହେବ।

**୨୭.୧.୭୧**

ମା'ଙ୍କ କୃପାରୁ ଏଠାର ସେମିନାର ଖୁବ୍ ଭଲ ଭାବେ ସମାପ୍ତ ହେଲା। କାଲି ୧୨.୪.୭୧ ସକାଳେ ୧୦ଟା ସମୟ ପର୍ଯ୍ୟନ୍ତ ଦୁଇଟି ସ୍କୁଲ୍‌ରେ ମିଟିଙ୍ଗ କାର୍ଯ୍ୟ ଶେଷକରି କେନ୍ଦୁଝର ଯିବୁ। ସେଠା କଲେଜରେ ଗୋଟିଏ ଛାତ୍ର ସମାଜ ଖୋଲାହେବ। ୧୨.୪.୭୧ ରାତ୍ରି କେନ୍ଦୁଝରରେ 'ନ'ଙ୍କ ଘରେ ଯଦି ରହୁ ତେବେ ୧୩.୪.୭୧ରେ କଟକ ଯିବୁ। ଛତ୍ରବଜାର ପାଠଚକ୍ର ବାର୍ଷିକ ଉତ୍ସବରେ ଯୋଗଦେବୁ। ୧୪.୪.୭୧ ସକାଳୁ କୁଜଙ୍ଗ ଯିବୁ। ଲୋକଙ୍କ ଆଗ୍ରହ ବରାବର ବଢ଼ିଛି। ୧୯୭୨ରେ ବହୁତ ଲୋକ ଯିବେ। ସେମାନଙ୍କ ରହିବା ବ୍ୟବସ୍ଥା କରିବା ଏକାନ୍ତ ପ୍ରୟୋଜନ।

**୧୧.୪.୭୧**

●

# ହଠାତ୍ ମନେପଡ଼େ

ପୂର୍ବପ୍ରକାଶିତ ଉତ୍ତାରୁ... ମୋର ବିଶେଷ ଲକ୍ଷ୍ୟ ଥାଏ, ସିନେମାଟିର କାହାଣୀ ବା ପ୍ରତିପାଦ୍ୟ ଆମମାନଙ୍କ ଆଶ୍ରମ ଜୀବନଧାରାର ଉପଯୁକ୍ତ କି ନୁହେଁ। ଯଦି ଉପଯୁକ୍ତ ହୁଏ ତା'ହେଲେ ଅନୁମୋଦନ ହେଉ। ଯଦି ନ ହୁଏ ତେବେ ସିନେମାଟିରେ ଯେତେହିଁ ଶିଳ୍ପଗତ ଉତ୍କର୍ଷ ଥାଉ ନା କାହିଁକି, ତାହା ବାତିଲ କରିଦିଏ। ସିନେମାଟି ଆଶ୍ରମର ଉପଯୁକ୍ତ କି ଅନୁପଯୁକ୍ତ ତାହା ଯେଉଁଠାରେ ପରିଷ୍କାର ଭାବରେ ବୁଝାଯାଏ ସେଠାରେ କୌଣସି ଅସୁବିଧା ହୁଏ ନାହିଁ। କିନ୍ତୁ ମୁସ୍କିଲ ହୁଏ ସେଇଠି ଯେଉଁଠି ତାହା ଠିକ୍ ଗୋଟାଏ କଥାରେ 'ହଁ' କିମ୍ବା 'ନା' କହି ହୁଏ ନାହିଁ। ଠିକ୍ ଅନୁମୋଦନ ବି କରି ହୁଏ ନାହିଁ କିମ୍ବା ବାତିଲ ମଧ୍ୟ କରିହୁଏ ନାହିଁ। ଅନୁମୋଦନ କଲେ ମନ ଭିତରେ ଯେପରି ଗୋଟାଏ ଅସ୍ୱସ୍ତି ରହିଯାଏ। ଅର୍ଥାତ୍ ସିନେମାଟି ଯେମିତି ଆମ ବିଚାରର ଯେଉଁ ସୀମାରେଖା ତା'ରି ମଝାମଝିରେ ଆସି ଛିଡ଼ା ହୋଇଥାଏ। ଏସବୁ କ୍ଷେତ୍ରରେ ଅଧିକାଂଶ ସମୟରେହିଁ ମୁଁ ଅନୁମୋଦନ କରେ, କାହିଁକି ନା ସଦାବେଳେ ଠିକ୍ କଡ଼ାକଡ଼ି ହୋଇ ହୁଏ ନାହିଁ। ତେବେ ଏପରି ଘଟଣା ଖୁବ୍ କମ୍‌ହିଁ ଘଟିଛି। ପୁଣି ଯଦି ଦେଖେ ସିନେମାଟା ସେପରି କିଛି ଭଲ ନୁହେଁ, କିନ୍ତୁ ସେଥିରେ ଆପତ୍ତିକର ମଧ୍ୟ କିଛି ନାହିଁ, ସେପରି କ୍ଷେତ୍ରରେ ଅନୁମୋଦନ କରିଦିଏ।

ଅନେକ ସମୟରେ ବାହାରେ କୌଣସି ସିନେମାର ଖୁବ୍ ନାମଡାକ ଓ ପ୍ରଶଂସା, କିନ୍ତୁ ଆମ ଆଶ୍ରମ ଜୀବନ ପକ୍ଷରେ ଅନୁକୂଳ ହେବ ନାହିଁ ଭାବି ମୁଁ ବାତିଲ କରିଦିଏ। ଯେପରିକି ମୋର ମନେଅଛି, ଥରେ ରବୀନ୍ଦ୍ରନାଥଙ୍କର 'କ୍ଷୁଧିତ ପାଷାଣ' ସିନେମାଟି ଆଶ୍ରମକୁ ଆସିଥିଲା। ମୁଁ ଦେଖିଲା ପରେ ତାହା ବାତିଲ କରି ଦେଲି। ରବୀନ୍ଦ୍ରନାଥଙ୍କର ଗଳ୍ପଟିକୁ ଫୁଲେଇ ଫମ୍ପେଇ ଗୁଡାଏ ଭୟାତୁର ଓ ରୋମାଞ୍ଚକର ଦୃଶ୍ୟ ଦିଆ ହୋଇଚି ଯାହାକି ଆମ ଆଶ୍ରମର ପିଲାମାନଙ୍କ ପାଇଁ ଉପଯୁକ୍ତ ହେବ ନାହିଁ ବୋଲି ମୋର ମନେ ହୋଇଥିଲା।

ମୁଁ ସିନେମାଟିକୁ ବାତିଲ କରିଦେବାକୁ ଆଶ୍ରମର ଅନେକହିଁ ଖୁବ୍ ଆଶ୍ଚର୍ଯ୍ୟ ହେଲେ ପୁଣି ଅନେକ ଅସନ୍ତୁଷ୍ଟ ମଧ୍ୟ ହେଲେ। ସତ୍ୟବ୍ରତଦା'ଙ୍କ ବାପା ନଳିନୀ ସେନ୍ ତ' ମୋତେ ପଚାରି ବସିଲେ, "ପ୍ରଣବ, ତୁମେ ରବୀନ୍ଦ୍ରନାଥଙ୍କ 'କ୍ଷୁଧିତ ପାଷାଣ ନାକଚ କରିଦେଲ ?"

ଡାଃ.ସତ୍ୟବ୍ରତଦା' ତା'ପରେ କ'ଣ କଲେ ନା ବାହାରେ ଗୋଟାଏ ସିନେମା ହଲ୍ ଭଡା କରି ସେଇ ସିନେମାଟିକୁ ଦେଖାଇବାର ବ୍ୟବସ୍ଥା କଲେ।

ସବୁଠାରୁ ମଜାର କଥା ହେଲା, ଛବିଟା ଦେଖି ଆସିଲା ପରେ ନଳିନୀ ସେନ୍ ନିଜେହିଁ ମୋତେ କହିଲେ, "ପ୍ରଣବ, ନା, ତୁମେ ନାକଚ କରି ପ୍ରକୃତରେ ଠିକ୍‌ହିଁ କରିଥିଲ।"

***କ୍ରମଶଃ***

***ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ***

●

# ଅତିମାନସ ସତ୍ୟ ଚେତନାର ଏକ ବିଭାବ

*ପୂର୍ବ ପ୍ରକାଶିତ ଉତ୍ତାରୁ...* ଏହା ପୃଥିବୀ ଉପରେ ନିଜର ପୂର୍ଣ୍ଣ ଶକ୍ତି ନେଇ କ୍ରିୟା କରିବା ପାଇଁ ଆବଶ୍ୟକ ହେଉଛି ଊର୍ଦ୍ଧ୍ୱର ଅତିମାନସ ଜଗତରୁ ଅତିମାନସ ଶକ୍ତିର ଅବତରଣ। ଶ୍ରୀଅରବିନ୍ଦ ତାଙ୍କର ସମଗ୍ର ଜୀବନବ୍ୟାପୀ ଏହି ଅତିମାନସ ଶକ୍ତିର ଅବତରଣ ପାଇଁ ସାଧନା ଚଳାଇଥିଲେ, କାରଣ ସେ ଦେଖିଥିଲେ ଯେ "କେବଳ... ଏକ ଅବତରଣଶୀଳ ଅତିମାନସ ଏଠାରେ ପହଞ୍ଚିବା ଦ୍ୱାରା ଏହା ପୃଥିବୀ ଉପରେ ମୁକ୍ତ ହୋଇ କ୍ରିୟା କରିବ ଏବଂ ଆମର ଭୌତିକ, ପ୍ରାଣିକ ଓ ମାନସିକ କ୍ରିୟା ଭିତର ଦେଇ ନିଜକୁ ପ୍ରକାଶ କରିବ। ଯେତେବେଳେ ଏହି ନିମ୍ନତର ଶକ୍ତିଗୁଡ଼ିକ ଆମର ସମଗ୍ର ସତ୍ତାର ଏକ ସାମଗ୍ରିକ ଦିବ୍ୟ କ୍ରିୟାର ଅଂଶ ହୋଇ ଉଠିବ ସେତେବେଳେ ହିଁ ଏହା ଆମମାନଙ୍କ ପାଇଁ ଏକ ପୂର୍ଣ୍ଣ ଭାଗବତ ସିଦ୍ଧି ବା ଏକ ଦିବ୍ୟ ଜୀବନ।"

ପୃଥିବୀ ଉପରେ ଏହି ଅତିମାନସ ଶକ୍ତି ଅବତରଣ କରିଥିଲା ୧୯୫୬ ଫେବୃୟାରୀ ୨୯ ତାରିଖରେ। ଶ୍ରୀମା' ଏ ସମ୍ପର୍କରେ କହିଛନ୍ତି, "ପୃଥିବୀ ଉପରେ ଅତିମାନସର ଆବିର୍ଭାବ ଆଉ ସମ୍ଭାବନା ମାତ୍ର ନୁହେଁ, ତାହା ଜୀବନ୍ତ ବାସ୍ତବ ରୂପେ ଏଠାକୁ ଓହ୍ଲାଇ ଆସିଛି। ଏହି ଅତିମାନସ ଜ୍ୟୋତି ଓ ଶକ୍ତି ତାର ନିଜର କାର୍ଯ୍ୟ ଆରମ୍ଭ କରିଦେଇଛି।

ଏପରି ଦିନ ଆସିବ ଯେତେବେଳେ ସବୁଠାରୁ ଅନ୍ଧ, ଅଜ୍ଞାନୀ ଓ ଅବିଶ୍ୱାସୀ ମଧ୍ୟ ଏହି ସତ୍ୟର ଅସ୍ତିତ୍ୱ ସ୍ୱୀକାର କରିବ..."।

ସେହି ଅତିମାନସ ଶକ୍ତି ବର୍ତ୍ତମାନ ପୃଥିବୀରେ କ୍ରିୟା କରି ଚାଲିଛି। ଆମର ସ୍ଥୂଳ ମନ ଏହାର କ୍ରିୟାକୁ ଅନୁଭବ କରିବାକୁ ଅକ୍ଷମ ହେଲେ ମଧ୍ୟ ଏହି ଶକ୍ତି ନିଶ୍ଚିତ ଓ ଅଭ୍ରାନ୍ତ ଭାବରେ ପୃଥିବୀକୁ ନେଇଯାଉଛି ତାର ଚରମ ପୂର୍ଣ୍ଣତାର ପଥରେ। ଅତିମାନସ କ୍ରିୟାରେ ବ୍ୟର୍ଥତା ଓ ବିଫଳତାର ପ୍ରଶ୍ନ ଉଠେ ନାହିଁ, ବିଜୟ, ସଫଳତା ଓ ସିଦ୍ଧି ହିଁ ହେଉଛି ଏହାର ସ୍ୱଭାବ। "...... ଏହା ସତ୍ୟ ଓ ଆଲୋକ ଭିତରୁ ନିଜର ଗତି ଆରମ୍ଭ କରିଥାଏ ଏବଂ ନିରନ୍ତର ସତ୍ୟ ଓ ଆଲୋକ ଭିତରେ ହିଁ ଗତି କରିଥାଏ। ଯେହେତୁ ଏହାର ଜ୍ଞାନ ହେଉଛି ସର୍ବଦା ସତ୍ୟମୟ, ତେଣୁ ଏହାର ସଙ୍କଳ୍ପ ମଧ୍ୟ ସର୍ବଦା ସତ୍ୟମୟ। ଏହା ନିଜ ଆଚରଣରେ ଇତସ୍ତତଃ ହୁଏ ନାହିଁ ବା ନିଜର ପଦକ୍ଷେପରେ ଝୁଣ୍ଟି ପଡ଼େନାହିଁ।

..... ଅତିମାନସ ଦ୍ୱାରା ଚାଳିତ ସମସ୍ତ ଜୀବନ, କର୍ମ ଓ ନେତୃତ୍ୱ ଆମେ ଭୋଗୁଥିବା ସମସ୍ତ ମିଥ୍ୟା ଓ ଅନିଶ୍ଚୟତା କବଳରୁ ସ୍ୱଭାବଗତ ଭାବରେ ହିଁ ସୁରକ୍ଷିତ। ସମ୍ପୂର୍ଣ୍ଣ ନିରାପଦ ଭାବରେ ହିଁ ଏହା ନିଜର ପୂର୍ଣ୍ଣତା ଦିଗରେ ଗତି କରେ। ଥରେ ଯଦି ଏହି ସତ୍ୟ ଚେତନା ଏଠାରେ ନିଜର ନିଶ୍ଚିତ ଭିତ୍ତି ଉପରେ ପ୍ରତିଷ୍ଠିତ ହୁଏ, ତାହାହେଲେ ଦିବ୍ୟ ଜୀବନର ବିବର୍ତ୍ତନ ହେବ ଆନନ୍ଦ ଓ ଆଲୋକ ଭିତରେ ଏକ ଜୟଯାତ୍ରା......"।- ଶ୍ରୀଅରବିନ୍ଦ

***ବିଶ୍ୱମ୍ଭର ସାମନ୍ତ***

●

# ପିଲାଙ୍କ ସାଧନା
## (୧)

*ପୂର୍ବ ପ୍ରକାଶିତ ଉତ୍ତାରୁ....* ଆଦର୍ଶ ବାଳକ ହେବ ଥଣ୍ଡାମିଜାଜ୍‌ର । ସେ କେବେହେଁ ରାଗେ ନାହିଁ, ଘଟଣାର ଧାର ଯଦି ତା'ର ବିରୋଧୀ ହୁଏ କିମ୍ବା ବିଚାରର ଫଳାଫଳ ତା'ର ସପକ୍ଷରେ ବି ନ ହୁଏ ।"

ମା'ଙ୍କର ଏହି ବାଣୀ ଉପରେ ଆମେ ଆଗରୁ ଆଲୋଚନା କରିଥାଇ । ସଙ୍କଳ୍ପ ବଳରେ ଏହି କ୍ରୋଧକୁ ନିଶ୍ଚିତ ଭାବରେ ନିୟନ୍ତ୍ରିତ କରିପାରିବା । ସଦାବେଳେ ଶାନ୍ତ, ସିଷ୍ଟ, ବିନୟୀ, ନମ୍ର ହେବା । ଏଥିପାଇଁ କ'ଣ ଧନ ଖର୍ଚ୍ଚ ହେଉଛି ? ପରିଶ୍ରମ କରିବାକୁ ପଡୁଛି ? ଏ ସମ୍ପଦଗୁଡ଼ିକ ଆମ୍ଭେମାନେ ମାତୃଶକ୍ତି ବଳରେ ଅନାୟାସରେ ଅର୍ଜନ କରିପାରିବା । ଛାତ୍ରମାନେ ଏ ସମ୍ପଦର ସମ୍ପୂର୍ଣ୍ଣ ଅଧିକାରୀ । ସୁଢ଼ଳ ସୁନ୍ଦର ପ୍ରସ୍ଫୁଟିତ ଗୋଲାପ ସଦୃଶ ମୁହଁଗୁଡ଼ିକୁ ତମ୍ପସାପ ପରି କଦର୍ଯ୍ୟ କରିବାକୁ କ'ଣ କେବେ ଆମକୁ ଭଲ ଲାଗିବ ! ତେବେ ଏପରି ହେଉଛି କାହିଁକି ? ଏଥିପ୍ରତି ଆମେମାନେ ଟିକିଏ ସଚେଷ୍ଟ ହେଲେ ଏହା କେବେ ବି ଦେଖାଯିବ ନାହିଁ । କ୍ଷମାଠାରୁ ବଳି ସ୍ୱର୍ଗୀୟ ସମ୍ପଦ ଆଉ କିଛି ନାହିଁ । ପଲ୍ଲୀକବି ନନ୍ଦକିଶୋର 'ଶର୍ମିଷ୍ଠା' କାବ୍ୟରେ ଲେଖିଛନ୍ତି-

'କ୍ଷମା ଦେଲେ ଝିଅ କ୍ଷମା ତ ମିଳଇ, କ୍ଷମାର ନଥାଏ ଅନ୍ତ
କ୍ଷମାଦାତା, କ୍ଷମାଗ୍ରହୀତା ଏ ଦୁହେଁ ଜୀବନେ ଭାଗ୍ୟବନ୍ତ ।

କୌଣସି ବ୍ୟକ୍ତି ଆମ ଉପରେ ରାଗି ଉଠିଲେ ଆମର ଭୁଲ ନ ଥିଲେ ବି ତାକୁ ଅନ୍ତରରେ କ୍ଷମା ଦେଇ ଶାନ୍ତ, ନୀରବ ନିଶ୍ଚଳ ହୋଇ ମା'ଙ୍କୁ ସ୍ମରଣ କରିବା ।

ବିଶ୍ୱାମିତ୍ରଙ୍କର କ୍ରୋଧ ଏବଂ ଅହଙ୍କାର ପରିପୂର୍ଣ୍ଣ ମାତ୍ରାରେ ଥିବାରୁ ତାଙ୍କୁ ବ୍ରହ୍ମର୍ଷି ବୋଲି ବଶିଷ୍ଠ ମାନି ନ ଥିଲେ । ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି ନ ମାନିବାରୁ ରାଗରେ ପ୍ରଜ୍ୱଳିତ ହୋଇ ବିଶ୍ୱାମିତ୍ର ବଶିଷ୍ଠଙ୍କର ଶହେ ପୁତ୍ରଙ୍କୁ ହତ୍ୟା କଲେ । ତଥାପି ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି କହିଲେ ନାହିଁ । ବଶିଷ୍ଠଙ୍କର କ୍ରୋଧ ବୋଲି କିଛି ନଥିଲା । ସେ ଦିନ ବିଶ୍ୱାମିତ୍ର ଆସି ଖଣ୍ଡାଧରି ବଶିଷ୍ଠଙ୍କର ଅଗୋଚରରେ ତାଙ୍କ କୁଟୀର ପାଖରେ ଛିଡ଼ା ହୋଇଛନ୍ତି । ଗୃହ ମଧ୍ୟରେ ବଶିଷ୍ଠ ଓ ତାଙ୍କର ସ୍ତ୍ରୀ ଥା'ନ୍ତି । ଭୀଷଣ ବର୍ଷା, ଅନ୍ଧକାର ରାତ୍ରି । ବଶିଷ୍ଠଙ୍କ ଘରେ ଲୁଣ ନଥାଏ । ରାତିରେ ଲୁଣ ପାଇଁ କେଉଁଠାକୁ ଯିବେ ? ବଶିଷ୍ଠ ବିଶ୍ୱାମିତ୍ରଙ୍କ ଘରୁ ଲୁଣ ଆଣିବା ପାଇଁ ତାଙ୍କ ସ୍ତ୍ରୀଙ୍କୁ କହିବାରୁ ତାଙ୍କ ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲେ - "ଆପଣ କାହା ଘରୁ ଲୁଣ ଆଣିବାକୁ କହୁଛନ୍ତି ? ବିଶ୍ୱାମିତ୍ର ଯେ ଆପଣଙ୍କର ଶତ୍ରୁ, ଯେ ଆପଣଙ୍କ ଶହେ ପୁଅଙ୍କୁ ମାରି ଦେଇଛନ୍ତି ତାଙ୍କରି ଘରୁ ଲୁଣ ଆଣିବା ପାଇଁ ମୋତେ ପଠାଉଛନ୍ତି ?" ବଶିଷ୍ଠ କହିଲେ - "ପ୍ରିୟେ ! ସେ ଯେ ମୋର ଅତି ଅନ୍ତରଙ୍ଗ ବନ୍ଧୁ । ତାଙ୍କୁ ମୁଁ ସବୁଠାରୁ ବେଶୀ ଭଲପାଏ ।" ବଶିଷ୍ଠଙ୍କର ସ୍ତ୍ରୀ ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ, - 'ବିଶ୍ୱାମିତ୍ର ଆପଣଙ୍କର ବନ୍ଧୁ ! ତେବେ ଆପଣ ତ ତାଙ୍କୁ ବ୍ରହ୍ମର୍ଷି ବୋଲି ସ୍ୱୀକାର କରିଥିଲେ ସେ ମୋର ଶତପୁତ୍ରଙ୍କୁ ମାରି ନଥା'ନ୍ତେ ।'

***କ୍ରମଶଃ***

***ମଧୁସୂଦନ ମିଶ୍ର***

●

## ଏବେବି ମନେପଡ଼େ......

# ଚମତ୍କାରିତାର ପୁନରାବୃତ୍ତି

ପୁଣି ସେଇ ରାସ୍ତାରେ ଫେରିବାକୁ ହେଲା। ଏଥରକ ମାତ୍ର ପାରଳାଖେମୁଣ୍ଡିରୁ। ମାତୃଭବନ ସ୍କୁଲ ବସରେ ପ୍ରାୟ ୨୨ଜଣ ନବ ଜୀବନ ଶିକ୍ଷା ସଂସଦର ପରିଚାଳନା ସମିତିର ବୈଠକରେ ଯୋଗଦେଇ ଫେରୁଥାଉ। ଦୁଇବର୍ଷ ତଳେ ରାୟଗଡ଼ାଠାରେ ପାୟୋନିୟର ମାନଙ୍କ ଶିବିରରେ ଯୋଗଦେଇ ସେଇ ବାଟରେ ଫେରିଥିଲି। ଏ ଥରକ ଆନ୍ଧ୍ର ବାଟରେ ଫେରିବାରେ ସମସ୍ୟା ଥିଲା। କାରଣ ଆନ୍ଧ୍ରବାଟେ ଗଲେ ସ୍କୁଲ ବସ ପାଇଁ ସ୍ୱତନ୍ତ୍ର ପରମିଟ ଦରକାର। ରାତି ବେଳା ହେଲେ ଅଲଗା କଥା। ରାତିରେ ତିନିଥର ଆମେ ସ୍କୁଲ ବସ ନେଇ ପଳାଇ ଆସିଚୁ-ଚାଲିଯାଇଛୁ। ମାତ୍ର ଦିନବେଳା ପପୁ ସନ୍ଦେହ କଲା, ଭାଇ, RTO କେଉଁଠି ଥିଲେ ସେ ନିଶ୍ଚୟ ଆମକୁ ଧରିବେ ଆଉ ଫାଇନ୍ ନେବେ। ରାତିବେଳା ସିନା ପଳାଇ ଆସିଲୁ- ଏବେ କିନ୍ତୁ ନିରାପଦ ନୁହେଁ। ବହୁତ ଫାଇନ୍ ପଡ଼ିବ- ତେଣୁ ଆମେ ଓଡ଼ିଶା ବାଟେ ପଳାଇବା। ଏବେ ଲଳିତଗିରି -ଚନ୍ଦ୍ରଗିରି ରାସ୍ତା ବି ଖୁବ୍ ଭଲ ହୋଇଗଲାଣି। ତେଣୁ ଓଡ଼ିଶା ଭିତର ଦେଇ ଯିବା,ଆଉ ଆନ୍ଧ୍ରବାଟେ ଯିବା ନାହିଁ। ଆମ୍ଭେମାନେ ରାଜୀ ହେବା ବ୍ୟତୀତ ଅନ୍ୟ ଉପାୟ ନଥିଲା। କାରଣ ଯେଉଁ ଅସୁବିଧା ପାଇଁ ସେ ବ୍ୟସ୍ତ ହେଉଛି ତାର ସମାଧାନ ଆମ ହାତରେ ନାହିଁ। ବସ୍ ଅପରାହ୍ନ ୪.୩୦ରେ ଛାଡ଼ିଲା। ଆମ ହିସାବରେ ଖୁବ୍ ବେଶୀରେ ୬ଘଣ୍ଟା ଲାଗିବ। ରାତି ୧୦.୩୦ ସୁଦ୍ଧା କଟକରେ ପହଞ୍ଚିବା। ଗାଡ଼ି ଛାଡ଼ିଲା। ଏକାବେଳକେ ୨୨ ଜଣ। ମାମୁଁ ନିଜେ ଅଛନ୍ତି। ସବା ଆଗ ସିଟ୍‌ରେ। ପପୁ ତା' ନିଜ ଗାଡ଼ି ନ ଆଣି ପୂର୍ଣ୍ଣର ଗାଡ଼ି ଆଣିଥାଏ। କାରଣ ତା'ର ନୂଆଗାଡ଼ି। ସେଥିରେ ସ୍ପିଡ୍ ଗଭର୍ଣ୍ଣର ଲାଗିଛି। ୬୦କି.ମିରୁ ଅଧିକ ବେଗରେ ଗାଡ଼ି ଚାଲିବ ନାହିଁ। ତେଣୁ ପୂର୍ଣ୍ଣର ଗାଡ଼ି ନେଇକରି ଆସିଛି। ବେଗରେ ଯିବାର କିଛି ଅସୁବିଧା ନାହିଁ। ଆମର ଯାତ୍ରାରେ ଖଣ୍ଡଗିରିରୁ ଶଙ୍କର ଭାଇ, ଅପର୍ତ୍ତି ଭାଇ, ଅଞ୍ଜଳିଅପା, କଟକରୁ ମୁଁ, ସରୋଜ, ପବିତ୍ର, ସମରେନ୍ଦ୍ର ଏବଂ ଚିନୁ ବାରଦାରୁ ନିରଞ୍ଜନ, ଟ୍ରଷ୍ଟ କୋର୍ଡ଼ିନେଟର ବ୍ରଜ, ବିନୋଦ, ପୂର୍ଣ୍ଣ ଏବଂ କପିଳ, ପାରଳାଖେମୁଣ୍ଡିର ରାଜେଶ୍, ଯାଜପୁରର ସଦା, ଖଲ୍ଲିକୋଟରୁ ନରେନ୍ଦ୍ର, ବାପୁ, ଶିବ, ବ୍ରହ୍ମପୁରର ଲକ୍ଷ୍ମୀଭାଇ ଏବଂ ପପୁର ସହକାରୀ ଚିତ୍ତ ପ୍ରଭୃତି ସାମିଲ ଥିଲେ। ଆନନ୍ଦ, ଖୁସୀ ମଧ୍ୟରେ ସମସ୍ତେ ବସିଚୁ ଗାଡ଼ି ଚାଲିଛି।

ଯଦିଓ ପାଳରାଖେମୁଣ୍ଡିଠାରୁ ଓଡ଼ିଶା ଭିତର ଦେଇ ଅର୍ଥାତ୍ ଉଦୟଗିରି, ଚନ୍ଦ୍ରଗିରି ପ୍ରଭୃତି ଦେଇ ଯିବା ପାଇଁ ଅତି ଭଲ ମାତ୍ର ସମଗ୍ର ରାସ୍ତା ଅନ୍ତତଃ ଚନ୍ଦ୍ରଗିରି ପର୍ଯ୍ୟନ୍ତ ପ୍ରାୟ ଘାଟିରେ ପୂର୍ଣ୍ଣ। ଗୋଟିଏ ଗୋଟିଏ ଘାଟି ଖୁବ୍ ଛୋଟ ଆଉ ଗୋଟିଏ

ଗୋଟିଏ ଖୁବ୍ ବଡ। ଅର୍ଥାତ୍ ଲମ୍ବା। ସେଥିରେ ଯିବାବେଳେ ଗାଡ଼ି ଯେତେବେଳେ ଘାଟି ଉଠୁଥାଏ, ଆମେ ସବୁ ଜାଣୁଥାଉ କାରଣ ଗାଡ଼ି ପ୍ରଥମ ଗିଅରରେ ଯିବ ଏବଂ ଖୁବ୍ ଜୋରରେ ଆବାଜ କରି ଘଁ ଘଁ ଗର୍ଜନ କରିଯିବ। ମାତ୍ର ବେଳେବେଳେ ଅସ୍ୱାଭାବିକ ଭାବେ ଗାଡ଼ି ଶବ୍ଦ କରୁଥାଏ। ମଝିରେ ମଝିରେ ହଠାତ୍ ଖୁବ୍ ଆବାଜ କରି ଧଡ ଧଡ ଶବ୍ଦ କରୁଥାଏ। ମୁଁ ହଠାତ୍ ବ୍ୟସ୍ତ ହୋଇ ପଡିଲି ଏବଂ ଗାଡ଼ି ଅଟକିଲେ ପପୁକୁ ଏମିତି କାହିଁକି କରୁଚୁ ବୋଲି ପଚାରିବି ବୋଲି ଚିନ୍ତା କଲି। ଗାଡ଼ିତ ବିଶେଷ ପୁରୁଣା ନୁହେଁ। ପ୍ରାୟ ସବୁବେଳେ ତାର ଯାହା କାମ କରାଯିବା କଥା କରାଯାଇଛି। ତେଣୁ ଗାଡ଼ି ଏତେ ଖରାପ ଶବ୍ଦ କରୁଛି କାହିଁକି ? ଏତିକି ଭିତରେ ଘାଟି ଉପରେ ହଠାତ୍ ପୋଡ଼ାଗନ୍ଧ ଭିତରୁ ହେଲା। ମୁଁ ଭିତରୁ ପାଟି କରି ଉଠିଲି- ପପୁ-କ'ଣ ଗୋଟାଏ ପୋଡ଼ିଗଲା-ଗନ୍ଧ ବାହାରୁଚି। ପପୁ କିଛି କହୁନି। ଏମିତି ଲୁହାଗୁଡ଼ି ପରେ ପୁଣି ଗୋଟାଏ ଛୋଟିଆ ଘାଟି ଟପିଲା-ତପ୍ତପାଣି ମଧ୍ୟ ଟପିଲା-ସେତେବେଳକୁ ପୁରା ଅନ୍ଧାର। ସନ୍ଧ୍ୟା ଟପି ରାତି ହୋଇଗଲାଣି। ହଠାତ୍ ଗୋଟିଏ ଅନ୍ଧାରିଆ ସ୍ଥାନରେ ଗାଡ଼ିଟି ଧୀରେ ଧୀରେ ଅଟକିଗଲା। ଅନ୍ଧାର ଭିତରେ ଗାଡ଼ିରୁ ସବୁ ଓହ୍ଲାଇଲେ। ବୋଧହୁଏ ପାସ୍ ଯିବାପାଇଁ ପପୁ ଗାଡ଼ି ଅଟକାଇଲା ଭାବି ତାକୁ ପଚାରିଲା ବେଳକୁ, ସେ ଯାହା କହିଲା ଶୁଣି ମୋ ଦେହ ଥରି ଉଠିଲା। ମା'ଙ୍କ ଚରଣରେ କୃତଜ୍ଞତାର ଭାବ ଢ଼ାଳିହୋଇଗଲା। ପପୁକୁ କ'ଣ ଯେ କହିବି ଭାବି ପାରିଲିନି। ପପୁ କହିଲା- ଘାଟି ଉପରେ ବ୍ରେକ୍ ପୁରା ଫେଲ୍ କରିଯାଇଚି। ସେ ସେଇଥିରେ ପ୍ରଥମ ଗିଅର ଏବଂ ଦ୍ୱିତୀୟ ଗିୟର କରି ଧୀରେ ଧୀରେ ଘାଟିକୁ ନିୟନ୍ତ୍ରଣ କରି ଚଳାଇ ଆସିଛି। ମାତ୍ର ଆଉ ଆଦୌ ଗାଡ଼ି ଅଟକୁ ନାହିଁ। ଗାଡ଼ି ଗଡିଲା ବେଳେ ସେ ଗିଅର ଦବାଇବାରୁ ଗାଡ଼ି ଖୁବ୍ ଜୋରରେ ଆବାଜ କରୁଚି। ମାତ୍ର ତାକୁ ବହୁତ ସନ୍ତର୍ପଣରେ ସେ ଅଟକାଇବାକୁ ଚେଷ୍ଟା କରୁଚି କିନ୍ତୁ ଗାଡ଼ି ଅଟକୁ ନାହିଁ। ଟିକିଏ ପଛରେ ଗୋଟିଏ ଢ଼ାବା ଥିଲା ସେ ଢ଼ାବା ପାଖରେ ଅଟକାଇଲା। ମାତ୍ର ଗାଡ଼ି ଅଟକିଲା ନାହିଁ। ବହୁତ କଷ୍ଟରେ ଧୀରେ ଧୀରେ ଆଣି ସେଇ ସ୍ଥାନରେ କୌଣସିମତେ ଗାଡ଼ି ଅଟକିଗଲା। ସମସ୍ତେ ଗାଡ଼ିରୁ ଓହ୍ଲାଇ ପଡ଼ିଲେ, ପପୁର ଅସହାୟତା ଏବଂ ତା'ର ଧୈର୍ଯ୍ୟ, ସାହସ ଏବଂ ମା'ଙ୍କ ଉପରେ ଗଭୀର ବିଶ୍ୱାସ ଯେ ଆମକୁ ଏକ ବିରାଟ ବିପଦରୁ ଉଦ୍ଧାର କରିପାରିଲା ଏଥିରେ କାହାରି ଆଉ ସନ୍ଦେହ ନଥିଲା।

କ'ଣ କରିବା ? ପପୁ କହିଲା- ଢ଼ାବା ପର୍ଯ୍ୟନ୍ତ ବ୍ୟାକ ଗିଅରରେ ମୁଁ ଗାଡ଼ି ନେଇ ଯାଉଛି, ସେଇଠି ଆଲୁଅ ଅଛି। ଚାଲନ୍ତୁ ସେଇଠି ଅପେକ୍ଷା କରିବା-ଯାହା ଯୋଜନା କରିବା। ଗାଡ଼ି ପଛେଇ ପଛେଇ ଆସି ସେ ଢ଼ାବା ଆଗରେ ଅଟକିଲା। ଆମ ସାଙ୍ଗରେ ବ୍ରହ୍ମପୁରର ଲକ୍ଷ୍ମୀ ଭାଇ ଥାଆନ୍ତି। ସେ ତୁରନ୍ତ ବ୍ରହ୍ମପୁରର ସାମନ୍ତଭାଇଙ୍କୁ ଫୋନ କଲେ। ସାମନ୍ତ ଭାଇ

ପାରଳାଖେମୁଣ୍ଡି ଆସିଥିଲେ ମାତ୍ର କାମ ଥିବାରୁ ମିଟିଂ ମଝିରୁ ପଳାଇ ଆସି ଦିଗପହଣ୍ଡିରେ ଥାଆନ୍ତି। ତାଙ୍କ ସାଙ୍ଗରେ କନ୍ଧମାଳର ଜିଲ୍ଲା ଆବାହକ ପଣ୍ଡାଭାଇ ଥାଆନ୍ତି। ପଣ୍ଡାଭାଇ ଗୁଡ଼ିଏ ବସର ମାଲିକ। ତାଙ୍କର ନିଜଘର ବାଲିଗୁଡ଼ା। ତାଙ୍କର ସବୁଗୁଡ଼ିକ ବସ ବାଲିଗୁଡ଼ାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଚାଲେ। ତେଣୁ ସେ ଗାଡ଼ିର ସମସ୍ୟାଠାରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ଗାଡ଼ିର ମେକାନିକ ଏବଂ ପାର୍ଟସ ଦୋକାନ ପ୍ରଭୃତି ସମ୍ପର୍କରେ ଅତ୍ୟନ୍ତ ଅଭିଜ୍ଞ। ସେ ସାମନ୍ତଭାଇଙ୍କ ସହିତ ଦିଗପହଣ୍ଡି ପାଖରେ କୌଣସି ମେକାନିକଙ୍କୁ ସାକ୍ଷାତ କଲେ। ମେକାନିକ କହିଲେ, ଗାଡ଼ି ଗରମ ହୋଇ ଯାଇଥିବ- ଏବେ ବ୍ରେକ୍ ଧରିବ ନାହିଁ ମାତ୍ର ଥଣ୍ଡା ହୋଇଗଲେ ପୁଣି ବ୍ରେକ୍ ଧରିବ। କିଛି ସମୟ ଅପେକ୍ଷା କର ଗାଡ଼ି ଥଣ୍ଡା ହୋଇଗଲେ ବାହାରିବ।

ପୁଣି କିଛି ସମୟ ପରେ ସାମନ୍ତ ଭାଇ କହିଲେ, ମୁଁ ଗୋଟିଏ ମେକାନିକ ଧରି ଯାଉଛି, ଯାହା କରିବା କଥା ସେ କରିବ ଆପଣମାନେ ସେଇଠାରେ ଅପେକ୍ଷା କରିଥାନ୍ତୁ।

ଆମେ ସେତେବେଳକୁ ଗାଡ଼ିରୁ ଗୋଟିଏ ଦରି କାଢ଼ି ସେ ଢ଼ାବା ଆଗରେ ପକାଇ ତା'ଉପରେ ବିଶ୍ରାମ ନେଉଥାଉ। ଢ଼ାବାର ଭାଇନାଙ୍କୁ ଟିକେ ଚା କରିଦେବାକୁ ଅନୁରୋଧ କଲୁ ମାତ୍ର ସେ ବ୍ୟବସ୍ଥା ନାହିଁ ବୋଲି ସେ କହିଲେ, ଆହୁରି ମଧ୍ୟ ଆମ ଗାଡ଼ିକୁ ଆହୁରି ପଛକୁ ନେଇ ଢ଼ାବା ଆଗକୁ ଖାଲି କରିବାକୁ କହିଲେ। ରାତ୍ରୀ ବସ୍ ସବୁ ଆସିବେ ଏବଂ ତାଙ୍କ ଢ଼ାବାରେ ଖାଇବେ ବୋଲି ସେ ପ୍ରସ୍ତୁତ ହେଉଥାନ୍ତି। ଆମେ ଅଗତ୍ୟା ଗାଡ଼ିକୁ ଅନେକ ପଛେଇ ନେଲୁ ଏବଂ ପୁଣି ଆମ ଦରିକୁ ସେଠାରୁ ନେଇ ଗୋଟିଏ ଛୋଟିଆ ମନ୍ଦିର ପିଣ୍ଡି ପାଖରେ ପକାଇ ବସିଲୁ। ସେତେବେଳକୁ ମୋ ଭିତରେ ଗୋଟିଏ ଚିନ୍ତା ଆସୁଥାଏ। ଏ ଦୁର୍ଘଟଣାଟିର କାରଣ କ'ଣ। କାରଣ ଗତ ଦୁଇବର୍ଷ ତଳେ ଯେତେବେଳେ ରାୟଗଡ଼ାରୁ ଆମର ପୁରୁଣା ଟାଭେରା ଗାଡ଼ିରେ ଫେରୁଥାଉ, ସେତିକିବେଳେ ଠିକ ଅଡ଼ବା ପାଖରେ ଖୁବ୍ ଗୋଟାଏ ବିକଟାଳ ଶବ୍ଦ ହେଲା। ରବିଭାଇ ଗାଡ଼ି ଚଳାଉଥାଏ। ସେ କିଛି ଜାଣିପାରିଲା ନାହିଁ। ସେଠାରୁ ବ୍ରହ୍ମପୁର ସାମନ୍ତଭାଇଙ୍କୁ ଫୋନ୍ କଲି, ସେ କହିଲେ ଆଉ ଅଳ୍ପ ବାଟ ମୋହନା। ସେ ଯାଏ ଧୀରେ ଧୀରେ ଚାଲି ଆସନ୍ତୁ। ସେଠାରେ ମେକାନିକ ମିଳିବେ, ନହେଲେ ମୁଁ ଏଠାରୁ ମେକାନିକ ପଠାଇବି। ଧୀରେ ଧୀରେ ମୋହନା ଚାଲିଆସିଲୁ। ଗାଡ଼ି ଜୋରରେ ଚାଲିଲାବେଳେ ଶବ୍ଦ ଜଣା ପଡୁନଥାଏ। ମାତ୍ର ଧୀରେ ଧୀରେ ଚାଲିଲାବେଳେ ସେଇ ବିକଟାଳ ଶବ୍ଦ ହେଉଥାଏ। ମୋହନାରେ ମେକାନିକ ମିଳିଲେ ନାହିଁ। ସାମନ୍ତ ଭାଇ ତାଙ୍କର ସାନଭାଇଙ୍କ ସାଙ୍ଗରେ ଜଳଖିଆ, ପାଣିବୋତଲ ଏବଂ ଚା ଦେଇ ପଠାଇଲେ। ସେମାନେ ଆମକୁ ପୋଡ଼ାମାରୀ ପୂର୍ବରୁ ଭେଟିଲେ ଏବଂ ଆମେ ସମସ୍ତେ କିଛି ଜଳଖିଆ ଖାଇ ସାଷ୍ଟାଙ୍ଗ ହେଲୁ। ଶେଷକୁ

ବ୍ରହ୍ମପୁରରେ ପହଞ୍ଚିଲୁ ଏବଂ ରବି କହିଲା, ଭାଇ ମା'ଙ୍କୁ ଡାକି ଡାକି ପଳାଇବା ଏବଂ ସତରେ ପଳାଇ ଆସିଲୁ। ପରେ ମେକାନିକ ଦେଖିଲେ ଯେ ଗାଡ଼ିରେ କିଛି ଅସୁବିଧା ନାହିଁ। ଏଥରକ ମଧ୍ୟ ଠିକ୍ ସେମିତି।

ଏହା ମଧ୍ୟରେ ସାମନ୍ତଭାଇ, ବାଲିଗୁଡ଼ାରୁ ପଣ୍ଡାଭାଇ, ଭାଗୀଭାଇ ଏବଂ ମେକାନିକକୁ ଧରି ଆସି ପହଞ୍ଚିଲେ। ଆମର ସେତେବେଳକୁ ତିନି ଚାରି ଜାଗାରେ ପାଠଚକ୍ର ଭଳି ଆଲୋଚନା ହେଉଥାଏ। ଦରି ଉପରେ ମାମୁଁ, ଅଞ୍ଜଳି ଏବଂ ଅନ୍ୟମାନେ, ମନ୍ଦିର ପିଣ୍ଡି ଉପରେ ମୁଁ, କପିଳ ତଥା ଆଉ କେତେଜଣ। ଚିନୁ ପ୍ରଭୃତି ପାଖରେ ଗୋଟିଏ କାବିନରୁ ଚା ତିଆରି କରି ଆଣି ବାଣ୍ଟିବା ଆରମ୍ଭ କରି ଦେଇଥାନ୍ତି। ସତ କହିଲେ, ଏପରି ଏକ ଅପନ୍ତରାରେ ଆମ୍ଭେମାନେ ଯେ ଗାଡ଼ି ଖରାପ କାରଣରୁ ରହିଛୁ-ଏହା କାହାରି ମନୋଭାବରେ ପ୍ରକାଶ ପାଉ ନଥାଏ। କାରଣ ମାତ୍ର ସେଇ ଢ଼ାବାଟି ଏବଂ ଗୋଟିଏ ଚା କାବିନଛଡ଼ା ସେ ଆଖପାଖରେ କାହାରି ସୋର ଶବ୍ଦ ନଥାଏ। ପାରଳାଖେମୁଣ୍ଡି ମିଟିଂ ପାଖରୁ ସାମନ୍ତ ଭାଇ, ପଣ୍ଡାଭାଇ ଏବଂ ଭାଗୀଭାଇ ଆଗରୁ ପଳାଇ ଆସିଥାନ୍ତି। ଏବେ ମୋର ପୁରା ବିଶ୍ୱାସ ହେଲା ଯେ ଆମକୁ ଏପରି ଏକ ଅକଳିଆ, ଅବସ୍ଥାରେ ପଡି ସେଠାରେ କିଛି ଅଭିଜ୍ଞତା ନବାକୁ ଅଛି ତେଣୁ ଆମକୁ ସାହାଯ୍ୟ କରିବାପାଇଁ ମା ସେମାନଙ୍କୁ ମିଟିଂ ସରିବା ପୂର୍ବରୁ ପଠାଇଦେଲେ।

ସାମନ୍ତ ଭାଇଙ୍କ କଥା ତ ଆମେ ସମସ୍ତେ ଜାଣୁ। ଖୋଜିଲୋଡ଼ି କାହାର ଅସୁବିଧା ଥିଲେ ନିଜେ ଆସି ସୈନ୍ୟସାମନ୍ତ ସହ ପହଞ୍ଚି ସାହାଯ୍ୟ କରିବେ ଏବଂ ନିଜ ଆଡୁ ଯେତେ ପ୍ରକାରର ସାହାଯ୍ୟ ସମ୍ଭବ ସବୁ କିଛି କରିବାକୁ ଦିନରାତି ସବୁବେଳେ ସେ ପ୍ରସ୍ତୁତ ଥାଆନ୍ତି। ମାତ୍ର ପଣ୍ଡାଭାଇ ଆମକୁ ଟିକେ ନୂଆ। ଅବଶ୍ୟ ଗତ ପ୍ରାୟ ବର୍ଷେ/ ଦେଢ଼ବର୍ଷ ହେବ ସେ କନ୍ଧମାଳ ଜିଲ୍ଲାର ଜିଲ୍ଲା ସଙ୍ଗଠକ ଭାବରେ କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି, ଅତ୍ୟନ୍ତ ଭଦ୍ର, ଅମାୟିକ। ଦିଗପହଣ୍ଡିରୁ ସେ ଯେଉଁ ମେକାନିକକୁ ଆଣିଥିଲେ ସେ ଗାଡ଼ିତଳେ ଶୋଇ ଦେଖିଲେ ଯେ ପାର୍ଟସ କିଛି ନ ଲାଗିଲେ ବ୍ରେକ୍ ଠିକ୍ ଧରିବ ନାହିଁ। ସାମନ୍ତ ଭାଇ ତାଙ୍କର ସୈନ୍ୟମାନଙ୍କୁ ଖବର ଦେଲେ, ଏବଂ ବ୍ରହ୍ମପୁରରୁ କୌଣସି ଏକ ଦୋକାନରୁ (ରବିବାର ଥିବାରୁ ସବୁ ପାର୍ଟସ ଦୋକାନ ବନ୍ଦ ଥିଲା-ମାତ୍ର ପଣ୍ଡା ଭାଇ କୌଣସି ଏକ ଦୋକାନୀକୁ ଉଠାଇ ତାକୁ ଦୋକାନ ଚାବି ଫିଟାଇ ପାର୍ଟସ୍ ଦେବାପାଇଁ ଅନୁରୋଧ କଲେ) ପାର୍ଟସ ସଂଗ୍ରହ କରି ବ୍ରହ୍ମପୁରର ମେନ୍‌ରୋଡ଼ରେ ଅପେକ୍ଷା କରିବାପାଇଁ ବରାଦ କଲେ। ଆମ ସାଙ୍ଗରେ ଦିଗପହଣ୍ଡିରୁ ଯାଇଥିବା ମେକାନିକ ମଧ୍ୟ ଥାଆନ୍ତି। କଥାହେଲା ଧୀରେ ଧୀରେ ବସ୍ ନେଇ ଫେରିବା ଯଦି ଦିଗପହଣ୍ଡିରେ ପାର୍ଟସ ମିଳିଯାଏ ତେବେ ମେକାନିକ ଭାଇ ଲଗେଇ ଦେବେ ନଚେତ୍ ବ୍ରହ୍ମପୁର ପଳାଇବା।

ଏହା ମଧ୍ୟରେ ସାମନ୍ତ ଭାଇଙ୍କ ପିଲାମାନେ ବ୍ରହ୍ମପୁରରୁ ପ୍ରବଳ ଖାଦ୍ୟ ଏବଂ ପାଣି ଧରି ସେଠାରେ ପହଞ୍ଚିଗଲେ। ସମସ୍ତେ ବେଶ୍ ଭୋକେଇଥିଲୁ। ତେଣୁ ଆକଣ୍ଠ ଭୋଜନ କରିନେଲୁ। ତଥାପି ଅର୍ଦ୍ଧରୁ ଅଧିକ ଖାଦ୍ୟ ବଞ୍ଚିଲା। ଆଉ ବିଳମ୍ବ ନକରି ସମସ୍ତେ ବସରେ ବସିଲେ। ପପୁ ଗାଡ଼ି ଛାଡ଼ିଲା। ମୁଁ ସାମନ୍ତଭାଇଙ୍କ ସହିତ ତାଙ୍କ ଗାଡ଼ିରେ ବସିଲି। ବସ୍‌କୁ ଆମ ଗାଡ଼ି ଜଗି ଜଗି ପଛରେ ଚାଲିଲା। ଆମେ ଦିଗପହଣ୍ଡିରେ ପହଞ୍ଚିଲୁ। ସେଠାରେ ପାର୍ଟସ ମିଳିଲା ନାହିଁ। ମେକାନିକଙ୍କର ଘର ସେଠାରେ। ତେଣୁ ସେ ଓହ୍ଲାଇ ରହିଗଲେ। ଆମେ ଚାଲିଲୁ ଆଉ ୩୦ କି.ମି. ବ୍ରହ୍ମପୁର। ବାଟରେ ପଛଗାଡ଼ିରେ ମୁଁ ସାମନ୍ତଭାଇଙ୍କୁ ଗାଡ଼ିର ସ୍ପିଡ୍ ପଚାରୁଥାଏ। ସେ କହିଲେ ୭୦ କି.ମି. ହେବ। ଅର୍ଥାତ୍ ବସ ଆମ ଆଗରେ ସେଇ ସ୍ପିଡ଼ରେ ଯାଉଛି। ଆମେ ବ୍ରହ୍ମପୁରରେ ପହଞ୍ଚିଲୁ। ସାମନ୍ତଭାଇ ପ୍ରସ୍ତୁତ ଥିଲେ ଆମ ପଛେ ପଛେ କଟକ ଆସି ସେଠାରେ ଛାଡ଼ି ଦେଇ ଯିବାପାଇଁ ମାତ୍ର ଆମେ ସମସ୍ତେ ଅନୁରୋଧ କରି ତାଙ୍କୁ ସେଇଠାରେ ଛାଡ଼ି ସାମନ୍ତ ଭାଇ, ପଣ୍ଡାଭାଇ ଏବଂ ଭାଗୀଭାଇଙ୍କୁ ପ୍ରବଳ କୃତଜ୍ଞତା ଜଣାଇ କଟକ ଫେରିଲୁ। ବ୍ରହ୍ମପୁରରୁ ଆସିଥିବା ମୋଟର ପାର୍ଟସ ଆଉ ବାଟରେ ଦରକାର ପଡ଼ିଲାନାହିଁ। ସାମନ୍ତଭାଇ କହିଥାନ୍ତି, ବାଟରେ ଯେଉଁ ସ୍ଥାନରେ ଅସୁବିଧା ହେବ ମୋତେ ଫୋନ କଲେ ମୁଁ ସାଙ୍ଗେ ସାଙ୍ଗେ ଯାଇ ପହଞ୍ଚିବି। ସେ ସମ୍ପର୍କରେ ଆମର ସନ୍ଦେହ ନଥିଲା। ମାତ୍ର ବାଟରେ ଆଦୌ ଆବଶ୍ୟକ ପଡ଼ିଲା ନାହିଁ। ପପୁ ସହିତ ସମସ୍ତେ ମା'ଙ୍କୁ ଡାକି ରାତ୍ରି ପ୍ରାୟ ୩.୩୦ରେ କଟକରେ ପହଞ୍ଚିଲୁ। ବ୍ରହ୍ମପୁରଠାରେ କିଣାହୋଇଥିବା ପାର୍ଟସ ଏ ପର୍ଯ୍ୟନ୍ତ ମଧ୍ୟ ଲଗାଯାଇ ନାହିଁ ମାତ୍ର ଗାଡ଼ି ନିରାପଦରେ କଟକରେ ସ୍କୁଲ ପିଲାଙ୍କୁ ନବାଆଣିବା କରୁଛି। ଗତଥର ମଧ୍ୟ ରବିଭାଇ ଚଳାଉଥିବା ଗାଡ଼ି କଟକରେ ପହଞ୍ଚି ପରଦିନ ଗ୍ୟାରେଜକୁ ନିଆଗଲା ମାତ୍ର ଗାଡ଼ିରେ କୌଣସି ଅସୁବିଧା ନଥିବା କଥା ଜଣାପଡ଼ିଲା।

ଦୁଇଥର ଯାକ ଗାଡ଼ିରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ କୌଣସି ମରାମତି ନକରି କଟକଯାଏ ପଳାଇ ଆସି, ପରଦିନ ଦେଖାଇଲାରୁ ଆଉ କୌଣସି ସମସ୍ୟା ନମିଳିବା ପ୍ରକୃତରେ ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା।

ପରେ ଯେତେବେଳେ ସମସ୍ତେ ଜାଣିଲେ ମା'ଙ୍କର ଏ ଲୀଳାରେ ସମସ୍ତେ ଆଚମ୍ଭିତ ତଥା ଅଭିଭୂତ ହୋଇପଡ଼ିଲେ।

***ପ୍ରସାଦ ତ୍ରିପାଠୀ***

(ଆଉ ଦୁଇଟି ସ୍ଥାନରେ ପବିତ୍ର ପାଦୁକା ସ୍ଥାପନ ବିଷୟ ପରବର୍ତ୍ତୀ ସଂଖ୍ୟାମାନଙ୍କରେ ପ୍ରକାଶିତ ହେବ।)

●

# ଆପଣଙ୍କ ପରେ କିଏ ?

ସେଦିନ ପାଠଚକ୍ରର ବାର୍ଷିକୋତ୍ସବରେ ଯୋଗଦେଇ ବନ୍ଧୁଙ୍କ ଘର ବାହାରକୁ ଆସିବାବେଳେ ଆଉ ଜଣେ ବନ୍ଧୁ ଦଉଡ଼ି ଦଉଡ଼ି ଆସି ମୋତେ ଧରିପକାଇଲେ। ଭାଇ, ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି ପଚାରିବି ବୋଲି ଅନେକ ଦିନରୁ ଭାବୁଚି। ମାତ୍ର ପଚାରିପାରୁନି। ମୁଁ କହିଲି ପଚାରନ୍ତୁ। ଅତି ସନ୍ତର୍ପଣରେ କହିଲେ, ଆମ ଆମ ଭିତରେ ଆମେ ସବୁ ବେଳେବେଳେ ଆଲୋଚନା କରୁ ଯେ ଆପଣ, ମାମୁଁ ଯେଉଁ ଏତେ ପରିଶ୍ରମ କରୁଛନ୍ତି ଏତେ ସବୁ ଯାଗା ଯାଉଛନ୍ତି, ଆପଣଙ୍କ ପରେ ଏ ସବୁ କେମିତି ଚାଲିବ, ଆପଣ କେବେ ଚିନ୍ତା କରିଛନ୍ତି ? କାହାକୁ ଆପଣଙ୍କ ଜାଗା ପାଇଁ ବାଛିଛନ୍ତି। ଏତିକି କହୁ କହୁ ହଠାତ୍ ସତର୍କ ହୋଇ କହି ପକାଇଲେ ଆପଣ ଅବଶ୍ୟ ଆହୁରି ଅନେକ ଦିନ ରହିବେ, ମା' ଆପଣଙ୍କୁ ଦୀର୍ଘଜିବୀ କରନ୍ତୁ। କିନ୍ତୁ, ତା'ପରେ।

ଆଉ ଦିନେ ଜଣେ ଅପା ଖୁବ୍ କୃତଜ୍ଞତାର ସହିତ ଏବଂ ସତର୍କତାର ସହିତ ଉକ୍ତ ପ୍ରଶ୍ନକୁ ଟିକେ ଭିନ୍ନ ଭାବରେ ଦୋହରାଇଲେ। ଭାଇ, ଆପଣ କିଛି ଭାବିବେ ନାହିଁ। ଗୋଟିଏ ପ୍ରଶ୍ନ ପଚାରିବି। ପଚାର, କହିଲି ତାଙ୍କୁ। ଆପଣ ଏବେ ଯେଉଁ ମା'ଙ୍କ କାର୍ଯ୍ୟ କରୁଛନ୍ତି, ପିଲାଦିନେ କେବେ ଭାବିଥିଲେ କି ଭବିଷ୍ୟତରେ ଏ ସବୁ କାର୍ଯ୍ୟ କରିବା ପାଇଁ ଆପଣଙ୍କୁ ଦାୟିତ୍ୱ ମିଳିବ ? ଏବଂ ଏହିସବୁ କାମ କରିପାରିବାର କୌଣସି ବ୍ୟକ୍ତି ଆପଣଙ୍କୁ ଦେଖାଯାଉଛି କି ?

କଥାଟା ସମାନ। ଆପଣଙ୍କ ପରେ କିଏ ? ମୁଁ ସେମାନଙ୍କୁ କହିଲି, ମୁଁ ହୁଏ ବା ମାମୁଁ ହୁଅନ୍ତୁ ବା ଆମେ ଦୁଇଜଣ ହେଉ ମା'ଙ୍କ କାର୍ଯ୍ୟ ପାଇଁ କେହିବି ଅପରିହାର୍ଯ୍ୟ ନୁହନ୍ତି। ଯେଉଁ ସ୍ଥାନରେ ମା'ଶ୍ରୀଅରବିନ୍ଦ ଉଭୟ ଶରୀର ଛାଡ଼ି ଚାଲିଗଲେ, ନଳିନୀଦା, ମାଧବପଣ୍ଡିତ, ଚମ୍ପକଲାଲ, ପ୍ରଣବ ଦା, ବାବାଜି ମହାରାଜ ଏବଂ ପ୍ରପତ୍ତି ଶରୀର ଛାଡ଼ି ଚାଲିଗଲେ, କାମ କାହାପାଇଁ ଅଟକି ନାହିଁ। ଯେତେବେଳେ ଯାହାର ଆବଶ୍ୟକ ମା'ତାଙ୍କୁ ପ୍ରସ୍ତୁତ କରି ତାଙ୍କ କାମ ପାଇଁ ଛାଡ଼ି ଦେଇଛନ୍ତି। କେହି ମଧ ଜାଣିନି ତା'ର କାର୍ଯ୍ୟ କ'ଣ ? ମା'ଙ୍କୁ ଭଲ ପାଇ ତାଙ୍କ କାମରେ ଲାଗି ଚାଲିଥିଲେ ହେଲା। ବଳେ ସିଏ ତାଙ୍କୁ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରିବେ। ଆମ ପୂର୍ବରୁ ଯେଉଁମାନେ ଓଡ଼ିଶାରେ କାମ କରୁଥିଲେ ସେମାନଙ୍କର ସାମର୍ଥ୍ୟକୁ ବ୍ୟବହାର କରି ମା' ସେମାନଙ୍କୁ ନିଜ କାମରେ ନିୟୋଜିତ କଲେ। ଉଦାହରଣ ସ୍ୱରୂପ ବିଦୁଅପା, ପଞ୍ଚାନନ ମହାନ୍ତି, ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ, ବିହାରୀଲାଲ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଧାକର ଆଚାର୍ଯ୍ୟ, ହୃଦାନନ୍ଦ ରାୟ, କନକଲତା ମହାନ୍ତି, ବିପିନ

ବିହାରୀ ପଟ୍ଟନାୟକ, ଗୋପାଳକୃଷ୍ଣ ପଟ୍ଟନାୟକ, ରଘୁନାଥ ପାଣି, ରାମନାଥ ପଣ୍ଡା, ଦେବେନ୍ଦ୍ର ଶତପଥୀ ପ୍ରଭୃତି ଅନେକ ବିଦ୍ୱାନ ବ୍ୟକ୍ତିମାନେ ଥିଲେ। ସେମାନେ ମା'ଙ୍କୁ କେତେ ପିଲାବେଳୁ ଜାଣିଥିଲେ କେଜାଣି, ମା' ସେମାନଙ୍କୁ ତାଙ୍କ କାମରେ ସେମାନଙ୍କର ସାମର୍ଥ୍ୟ ଅନୁଯାୟୀ ନିୟୋଜିତ କଲେ। ସମସ୍ତେ ନିଜ ନିଜର ଦାୟିତ୍ୱ ସାରି ବାହୁଡ଼ିଗଲେ। ଏବେ କାର୍ଯ୍ୟର ଦାୟିତ୍ୱ ଯେଉଁମାନଙ୍କ ଉପରେ ପଡ଼ିଲା, ସେମାନେ ସମସ୍ତେ ଅତି ନଗଣ୍ୟ। ମାତ୍ର ତଥାପି ସେମାନଙ୍କୁ ମା' ସେମାନଙ୍କର ସାମର୍ଥ୍ୟ ମୁତାବକ ବ୍ୟବହାର କରୁଛନ୍ତି। ଉଦାହରଣ ସ୍ୱରୂପ ମୁଁ ନିଜେ ପିଲାଦିନେ ମିଟିଂ ବ୍ୟବସ୍ଥା କରିବା, ରିକ୍ସାରେ ବୁଲି ମାଇକ ବଜାଇ ପ୍ରଚାର କରିବା, ବୁଲିବୁଲି ଚାନ୍ଦା ସଂଗ୍ରହ କରିବା, ମିଟିଂରେ ଦରି ପକାଇବା, ଦରି ଫେରାଇବା -ଏଇ ସବୁ କାମ କରୁଥିଲି, ଆଉ ଟିକିଏ ବଡ଼ ହେବାପରେ ପ୍ରପତ୍ତିଙ୍କୁ ଟ୍ରେନ୍‌ରୁ receive କରିବା, ତାଙ୍କର ବ୍ୟାଗ ସଜାଇ ଦେବା, ଫେରିବା ଦିନ ପୁଣି ଆଣି ଟ୍ରେନରେ ଛାଡ଼ିବା, ମଝିରେ ସେ ଗସ୍ତ କଲାବେଳେ ଆବଶ୍ୟକମତେ ତାଙ୍କ ସହିତ ଭିନ୍ନ ଜାଗାକୁ ଯିବା, ନିଜେ ନ ଯାଇ ପାରିଲେ କୌଣସି ଭାଇଙ୍କୁ ତାଙ୍କ ସହିତ ପଠାଇବା ପ୍ରଭୃତି କାର୍ଯ୍ୟରେ ନିୟୋଜିତ ଥିଲି। ଭବିଷ୍ୟତରେ ଏପରି କିଛି କାର୍ଯ୍ୟ କରିବାକୁ ପଡ଼ିବ ବୋଲି କେବେବି ଭୁଲରେ ସୁଦ୍ଧା ଭାବି ନଥିଲି। ଏବେ ମୋ ଠାରୁ ଆହୁରି ଅଧିକ ସାମର୍ଥ୍ୟ ଥିବା ଲୋକ ମଧ୍ୟ ମୋ ଜାଣିବାରେ ଅଛନ୍ତି। ସେମିତି ଆହୁରି ଅଧିକରୁ ଅଧିକ ସାମର୍ଥ୍ୟଥିବା ଲୋକ ସଂସାରରେ ଅଛନ୍ତି। କିଏ ଆସିବ ଏବଂ ଦାୟିତ୍ୱ ନେବ ଏକଥା ଏବେଠାରୁ ଭାବିବା ଅବାନ୍ତର। ହୁଏତ ଅନ୍ୟମାନେ ଆସିଲେ କାମର ରୂପ ମଧ୍ୟ ବଦଳିଯିବ। ଧାରା ବଦଳିଯିବ। କିନ୍ତୁ ଏ କଥା ନିଶ୍ଚିତ ଯେ ଯେତେ ସାମର୍ଥ୍ୟ ଥିବା ବ୍ୟକ୍ତି ହେଲେ ମଧ୍ୟ ମା'ଙ୍କ କାର୍ଯ୍ୟପାଇଁ କେହି ବି ଅପରୀହାର୍ଯ୍ୟ ନୁହନ୍ତି। ଆଉ ଯେତେବେଳେ ଯାହାକୁ ଦରକାର ମା' ତାଙ୍କୁ ନିଜର ଯନ୍ତ୍ର କରିନିଅନ୍ତି।

ତେଣୁ ଆମେ ଆସି ନଥିଲୁ କାର୍ଯ୍ୟ ମା' କରାଉଥିଲେ, ଆମେ ଆସିଲୁ-ସେଇ କାମ ମା'କରାଇଲେ ଏବଂ ଆମ ପରେ ମଧ୍ୟ ମା'ହିଁ ଦାୟିତ୍ୱ ନେଇ ତାଙ୍କର ଯନ୍ତ୍ର ବାଛିବେ। ଆମର ଚିନ୍ତା କରିବା ଆବଶ୍ୟକ ନାହିଁ-ବରଂ କୃତଜ୍ଞ ହେବା ଯେ ମା' ଆମକୁ ତାଙ୍କର କାର୍ଯ୍ୟ କରିବାର ସୁଯୋଗ ଦେଇଛନ୍ତି।

***ପ୍ରସାଦ ତ୍ରିପାଠୀ***

●

# ସଙ୍ଗଠନ ସମାଚାର

## କୃପା ମଣ୍ଡଳ

**ଅନୁଗୁଳ:-** ୮.୩.୧୮ରେ ଶିକ୍ଷକପଡାସ୍ଥିତ ତ୍ରିନାଥ ଦେହୁରୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗିରୀଶଚନ୍ଦ୍ର ସାହୁ "ପୂର୍ଣ୍ଣଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୩.୧୮ରେ ହେମସୁରପଡାସ୍ଥିତ ତାରିଣୀ ଚରଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଅରବିନ୍ଦ ପ୍ରଧାନ "ମାତୃରଚନାବଳି" ପାଠ କରି ଆଲୋଚନା କରିଥିଲେ।... ୧୦.୪.୧୮ରେ ଅନୁଗୁଳଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଏହାର ସଙ୍ଗଠନରେ କର୍ମୀଙ୍କ କାର୍ଯ୍ୟଧାରା" ସମ୍ପର୍କରେ ରାକେଶ ଚନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ। ଏଥିରେ ଗିରିଶ ଚନ୍ଦ୍ର ସାହୁ ଅଂଶଗ୍ରହଣ କରିଥିଲେ।... ୧୧.୪.୧୮ରେ ଅନୁଗୁଳଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ ଗିରୀଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଏକ ସ୍ୱୟମ୍ଭୁ ଶକ୍ତି କେନ୍ଦ୍ର" ଓ "ଶ୍ରୀଅରବିନ୍ଦଙ୍କ ଯୋଗରେ ସାମ୍ପ୍ରତିକ ପରିସ୍ଥିତିରେ ନାରୀର ଭୂମିକା" ସମ୍ପର୍କରେ ରବିନ୍ଦ୍ର ପାଢ଼ୀ ଓ ଅଞ୍ଜଳୀ ତ୍ରିପାଠୀ ଆଲୋଚନା କରିଥିଲେ। ଉକ୍ତ ଉତ୍ସବରେ ବବିତା ଦାସ ଓ ଅକ୍ଷୟ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ।... ୧୪.୪.୧୮ରେ ହେମସୁରସ୍ଥିତ ଗୋମତୀ ଅପାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨୪.୪.୧୮ରେ ମାତୃନିକେତନ ପରିସରରେ ଶ୍ରୀମା'ଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ ପାଳିତ ହୋଇଯାଇଛି। ଏଥିରେ "ଶ୍ରୀମା'ଙ୍କ ଭାରତ ଆଗମନର ମହାନ ଉଦ୍ଦେଶ୍ୟ" ସମ୍ପର୍କରେ ଗିରୀଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଶୋକ କୁମାର ଦାସ ଅଂଶଗ୍ରହଣ କରିଥିଲେ।... ୨୫.୪.୧୮ରେ ଜାମୁନାଳୀଗ୍ରାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର, କ'ଣ, କାହିଁକି ଓ କିପରି?" ସମ୍ପର୍କରେ ଗିରିଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ବିଶ୍ୱାଳ, ତ୍ରିନାଥ ଦେହୁରୀ, ଦୟାନିଧି ସାହୁ, କଷ୍ଟୁ ପ୍ରଧାନ ଓ ମମତା ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୨୯.୪.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଇଣ୍ଠାଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ଜିଲ୍ଲା ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ

"Work for the earth Consciousness" ସମ୍ପର୍କରେ ନାରାୟଣ ପ୍ରଧାନ, ମନସ୍ୱିନୀ ପ୍ରଧାନ, ବବିତା ପ୍ରଧାନ, ଜୟନ୍ତ ପ୍ରଧାନ, କୃପାସିନ୍ଧୁ ନାୟକ, ଜୟାନନ୍ଦ ସାହୁ, ପ୍ରଦୀପ ସାହୁ, କଷ୍ଟୁ ପ୍ରଧାନ, ସୁରେନ୍ଦ୍ର ଚନ୍ଦନ, ଗୀତାଞ୍ଜଳୀ ରାଉତ, ପ୍ରତିଭା ଦେହୁରୀ ଓ ଅକ୍ଷୟ ବିଶ୍ୱାଳ ଆଲୋଚନା କରିଥିଲେ।... ୬.୫.୧୮ରେ ତାମ୍ରିତ କଲୋନୀସ୍ଥିତ ସୁଶୀଲ ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ସାଧନା ମନ୍ଦିର" ସମ୍ପର୍କରେ ଗଜେନ୍ଦ୍ର ବିଶ୍ୱାଳ ଓ ଅରବିନ୍ଦ ପ୍ରଧାନ ଆଲୋଚନା କରିଥିଲେ।... ୧୯.୫.୧୮ରେ ହାକିମପଡାସ୍ଥିତ ଗିରୀଶ ଚନ୍ଦ୍ର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଜନ୍ମଦିବସ" ସମ୍ପର୍କରେ ଆଲୋଚନା କରିଥିଲେ।... ୨.୬.୧୮ରେ ବଆଁରପାଳ ବ୍ଲକର ଜାମୁଦାଳୀସ୍ଥିତ ସବିତା ପ୍ରଧାନ ଓ ନାରାୟଣ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯତିନ ସାହୁ, ନିରୁପମା ପ୍ରଧାନ, ଗୀତାଞ୍ଜଳୀ ରାଉତ ଓ ଗିରୀଶ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ରର ବୃହତ୍ତର ଭୂମିକା" ସମ୍ପର୍କରେ ଆଲୋଚନା ହୋଇଥିଲା।... ୯.୬.୧୮ରେ ଶିକ୍ଷକପଡାସ୍ଥିତ ଆରତୀ ପ୍ରଧାନଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଛି। ଏଥିରେ "ସତ୍ୟର ଅନୁସନ୍ଧାନ ସମ୍ପର୍କରେ ପ୍ରତିଭା ଦେହୁରୀ ଆଲୋଚନା କରିଥିଲେ।... ୧୧.୬.୧୮ରେ ମାଟିଆସାହିସ୍ଥିତ ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "Follow your soul, that answers to all Truth" ସମ୍ପର୍କରେ ଗିରିଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ।... ୧୭.୬.୧୮ରେ ବଆଁରପାଳ ବ୍ଲକର ଏକଘରିକିଆ ଗ୍ରାମର କୁଞ୍ଜ ବିହାରୀ ହୋତାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଆନନ୍ଦ" ସମ୍ପର୍କରେ ଗିରୀଶଚନ୍ଦ୍ର ସାହୁ ଆଲୋଚନା କରିଥିଲେ।... ୨୧.୬.୧୮ରେ କାଣ୍ଡସର ଗ୍ରାମର ବଳରାମ ଦାସଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଦୀପ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଞ୍ଜିତା ସାହୁ, ଆନନ୍ଦ ସାହୁ ଓ ଅରବିନ୍ଦ ପ୍ରଧାନ ଅଂଶଗ୍ରହଣ କରିଥିଲେ।... ଜୁନ ୨୨ ରୁ ୨୪ ପର୍ଯ୍ୟନ୍ତ ମାତୃନିକେତନଠାରେ ସ୍ୱାସ୍ଥ୍ୟ ସେବା ସଂଘ ଆନୁକୂଲ୍ୟରେ ୩ଦିନଧରି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପ୍ରାଥମିକ ଚିକିତ୍ସା" ସମ୍ପର୍କରେ ବିପିନ ବିହାର କର, ଚୈତନ୍ୟ ସାହୁ, ପ୍ରଶାନ୍ତ କୁମାର ନନ୍ଦ , "ଚକ୍ଷୁ ଚିକିତ୍ସା" ସମ୍ପର୍କରେ ଆଭା କାନୁନଗୋ, "ବାୟୋକେମିକ୍" ସମ୍ପର୍କରେ ହୃଷିକେଶ ପାତ୍ର, "କିଶୋର

କିଶୋରୀଙ୍କ ଶାରିରୀକ ବିକାଶ ଓ ତାହାର ଯତ୍ନ" ସମ୍ପର୍କରେ ଶ୍ୟାମା କାନୁନ୍‌ଗୋ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ତ୍ରିପାଠୀ ଓ ଅକ୍ଷୟ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ।

### ଆସ୍ଥା ମଣ୍ଡଳ

**ଭଦ୍ରକ:-** ମାର୍ଚ୍ଚ ୧୮ ରୁ ୨୦ ପର୍ଯ୍ୟନ୍ତ ତିନିଦିନ ଧରି ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକ ସମ୍ମିଳନୀ ପ୍ରଭାତ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭାରତର ପୁନର୍ଜାଗରଣ ଓ ଶ୍ରୀଅରବିନ୍ଦ", "ପୂର୍ଣ୍ଣାଙ୍ଗ ଶିକ୍ଷା", "ମା'ଙ୍କର ଶକ୍ତି ସକଳ", "ସମର୍ପଣ", "ଦିବ୍ୟପରିବାର ଗଠନରେ ନାରୀ", "ପୂର୍ଣ୍ଣଯୋଗ" ସମ୍ପର୍କରେ ପ୍ରଭାତ କୁମାର ନାୟକ, ନିମାଁଇ ଚରଣ ପଟ୍ଟନାୟକ, ଡ. ଗୋଲକ ବିହାରୀ ସାହୁ, ଅଞ୍ଜଳି ତ୍ରିପାଠୀ, ସୁଦେବୀ ସ୍ୱାଇଁ, ପ୍ରଦୀପ୍ତ ଜେନା ପ୍ରଭୃତି ଆଲୋଚନା କରିଥିଲେ।... ୨୦.୩.୧୮ରେ ଗୁନ୍ଦବାଲିସ୍ଥିତ ପୁଷ୍ପଲତା ବଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନରେ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଜ୍ୟୋତିରେଖା ପଟ୍ଟନାୟକ ଓ କାଞ୍ଚନ ବାଳା ସାହୁ ଆଲୋଚନା କରିଥିଲେ।... ୩୦.୫.୧୮ରେ ବାରିକପୁରସ୍ଥିତ ସୁରେନ୍ଦ୍ର ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶୁଭକାର୍ଯ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି ?" ଓ "ସମଗ୍ର ଜୀବନ ହିଁ ଯୋଗ" ସମ୍ପର୍କରେ ହୃଷିକେଶ ମିଶ୍ର, ଅନିରୁଦ୍ଧ ଜେନା, ଭକ୍ତହରି ରଥ ଓ ପ୍ରଦୀପ ଜେନା ଆଲୋଚନା କରିଥିଲେ।... ୧୦.୬.୧୮ରେ ଦିବ୍ୟକୃପା ସାଧନା କେନ୍ଦ୍ରର ଦ୍ୱାଦଶତମ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ "ଦିବ୍ୟକୃପା" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ, ଡଃ ଗୋଲକ ବିହାରୀ ସାହୁ ଓ ଭକ୍ତହରି ରଥ ଆଲୋଚନା କରିଥିଲେ।... ୨୪.୬.୧୮ରେ ଗୁଣ୍ଡିଣିଆବଜାରସ୍ଥିତ ଅର୍ଜ୍ଜୁନ ଚରଣ ପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୩୪୬ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପରିବାର ସୁଖଶାନ୍ତିରେ ପାଠଚକ୍ରର ଭୂମିକା" ସମ୍ପର୍କରେ କଳ୍ପନା ମହାନ୍ତି ଓ ଭକ୍ତହରି ରଥ ଆଲୋଚନା କରିଥିଲେ।

### ସତ୍ୟ ମଣ୍ଡଳ

**ଜଗତ୍‌ସିଂହପୁର:-** ... ୨୩.୪.୧୮ରେ ବଳରାମପୁରସ୍ଥିତ ରଞ୍ଜନ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗିରିଧାରୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ସମ୍ପର୍କରେ ବାସୁଦେବ ନାୟକ, ଦାମୋଦର ସ୍ୱାଇଁ, ରଞ୍ଜନକୁମାର ସାହୁ, ପ୍ରଭାତ କୁମାର ବେହେରା, ଗୀତା ଦାସ ଓ ନିର୍ମଳ କୁମାର ସାହୁ ଆଲୋଚନା କରିଥିଲେ।... ୨୪.୫.୧୮ରେ ଛନ୍ଦାସ୍ଥିତ ଜଗନ୍ନାଥ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ

ପାଠଚକ୍ର ଅଭୟ ମହାରଥିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ବାସୁଦେବ ନାୟକ, ପଞ୍ଚାନନ ସାହୁ, କେଶବ ଦଳାଇ ଓ ଶୈଳବାଳା ବଳବନ୍ତରାଏ ଆଲୋଚନା କରିଥିଲେ।... ୨୬.୫.୧୮ରେ କୋଠିଆସାହିସ୍ଥିତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନ" ସମ୍ପର୍କରେ ଜୟକୃଷ୍ଣ ସ୍ୱାଇଁ, ଶୈଳବାଳା ବଳବନ୍ତରାଏ ଓ କୃଷ୍ଣଚନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ।... ୩୧.୫.୧୮ରେ ନବାଡିଆ ଗ୍ରାମର ପ୍ରଭାତ କୁମାର ବେହେରାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ସମ୍ପର୍କରେ ଦାମୋଦର ସ୍ୱାଇଁ, ରଞ୍ଜନ କୁମାର ସାହୁ, ମାନସୀ ସାମନ୍ତରାଏ, ଗୀତା ଦାସ, ପ୍ରଭାତ କୁମାର ବେହେରା ଓ ଗିରିଧାରି ସାହୁ ଆଲୋଚନା କରିଥିଲେ। ... ୬.୫.୧୮ରେ ପାରେଶ୍ୱରପୁରସ୍ଥିତ ଭିକାରୀଭବନଠାରେ ଅରୋମୀରା ପାଠଚକ୍ରର ବାର୍ଷିକୋତ୍ସବ ବାସୁଦେବ ନାୟକଙ୍କ ପରିଚାଳନାରେ "ଅନିର୍ବଚନୀୟ ମା'" ସମ୍ପର୍କରେ ଗିରିଧାରୀ ସାହୁ ଓ ସୌରଭ ସାହୁ ଆଲୋଚନା କରିଥିଲେ।... ୭.୮.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଲିଝରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଉଦ୍ଦେଶ୍ୟ" ସମ୍ପର୍କରେ ବିଭୁପ୍ରସାଦ ତରେଇ, ଜଗନ୍ନାଥ ଖୁଣ୍ଟିଆ ଓ ପ୍ରସନ୍ନ କୁମାର ବେଉରିଆ ଆଲୋଚନା କରିଥିଲେ।... ୧୮.୫.୧୮ରେ ତାଳପଦାସ୍ଥିତ ବିଚିତ୍ରାନନ୍ଦ ପାଣିଙ୍କ ବାସଭବନରେ ୰ରାଜକିଶୋର ପାଣିଙ୍କ ଦ୍ୱାଦଶ ଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁ ସମ୍ବନ୍ଧେ" ଗିରିଧାରି ସାହୁ, ସୌଭାଗ୍ୟ ସାହୁ, ମାନସି ସାମନ୍ତରା, ଅନୁପମା ସେଠୀ, ନିର୍ମଳ ଚରଣ ସାହୁ ଓ ଗୀତା ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବାସୁଦେବ ନାୟକ ପରିଚାଳନା କରିଥିଲେ।... ୧୩.୫.୧୮ରେ ନୂଆଗାଁଠାରେ ଶ୍ରୀଅରବିନ୍ଦ ପାଠଚକ୍ର କୁଜଙ୍ଗ ୟୁନିଟ୍‌ର ମିଳିତ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ- ପୃ - ୨୩ ରୁ ୨୫" ଓ "ଚିରନ୍ତନୀ - ପୃ-୩୭" ପର୍ଯ୍ୟନ୍ତ ପାଠ କରି ପ୍ରସାଦ ତ୍ରିପାଠୀ, ପଞ୍ଚାନନ ସାହୁ, ଜଗନ୍ନାଥ ସ୍ୱାଇଁ, କୃଷ୍ଣଚନ୍ଦ୍ର ଘଡେଇ, ହେମନ୍ତ କୁମାର ଦାସ ଓ କୁଳୁଚରଣ ସ୍ୱାଇଁ ଆଲୋଚନା କରିଥିଲେ।... ୧୫.୫.୧୮ରେ କୋଠିଆସ୍ଥିତ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ସମ୍ପର୍କରେ ଜୟକୃଷ୍ଣ ସ୍ୱାଇଁ ଓ କୃଷ୍ଣଚନ୍ଦ୍ର ମହାନ୍ତି ଆଲୋଚନା

କରିଥିଲେ।... ୩.୬.୧୮ରେ ପାରେଶ୍ୱରସ୍ଥିତ ଭିକାରୀ ଭବନଠାରେ ଅରୋମୀରା ଦିବଜ୍ୟୋତି ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା' ପୁସ୍ତକର ୧ମ ଅଧ୍ୟାୟ" ବିଷୟରେ ସୌଭାଗିନୀ ସାହୁ, ସୌରଭ ସାହୁ, ସୌଭାଗ୍ୟ ସାହୁ ଓ ବିନୋଦିନୀ ସାହୁ ଆଲୋଚନା କରିଥିଲେ।... ୧୦.୬.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗଡକୁଜଙ୍ଗଠାରେ କୁଜଙ୍ଗ ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ" ପୁସ୍ତକର ପୃ-୨୫ ରୁ ୩୧ ପର୍ଯ୍ୟନ୍ତ ପାଠ କରି କୃଷ୍ଣଚନ୍ଦ୍ର ଘଡେଇ, ଭିକାରୀ ଚରଣ ରାଉତ, ହେମନ୍ତ କୁମାର ଦାସ, ସଞ୍ଜୟ କୁମାର ମହାପାତ୍ର, ବିଚିତ୍ରାନନ୍ଦ ସ୍ୱାଇଁ, ମନୋଜ କିଶୋର ମନୋହାରୀ ଓ ସର୍ବେଶ୍ୱର ମହାପାତ୍ର ଆଲୋଚନା କରିଥିଲେ।... ୧୧.୬.୧୮ରେ ହସିଣାଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନ" ସମ୍ପର୍କରେ ମନୋଜ କିଶୋର ମନୋହାରୀ, ରଞ୍ଜନ କୁମାର ସାହୁ, ଶ୍ରୀଧର ବିଶ୍ୱାଳ, ଗିରିଧାରୀ ସାହୁ, ବିଭୂତି ଭୂଷଣ ଦାସ, ବିଚିତ୍ରାନନ୍ଦ ସ୍ୱାଇଁ ଓ ରବିନ୍ଦ୍ରନାଥ ପାଣି ଆଲୋଚନା କରିଥିଲେ।... ୧୮.୬.୧୮ରେ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ବାସୁଦେବ ନାୟକଙ୍କ ପରିଚ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନ" ସମ୍ପର୍କରେ କେଶବ ଚନ୍ଦ୍ର ଦଳାଇ, ପଞ୍ଚାନନ ସାହୁ, ମିରିରାଣୀ ଦାସ, ପ୍ରଭୁଚରଣ ଦାସ, ହେମନ୍ତ କୁମାର ଦାସ ଓ ମନୋଜ କିଶୋର ମନୋହାରୀ ଆଲୋଚନା କରିଥିଲେ।

**ଯାଜପୁରଃ-** ଜୁନ ୯, ୧୦ ଓ ୧୧ରିଖ ତିନିଦିନ ଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦୁଲାଖାପାଟଣାଠାରେ ମାତୃଜ୍ୟୋତି ପାଠଚକ୍ର ଆନୁକୁଲ୍ୟରେ ଶ୍ରୀଅରବିନ୍ଦ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର ଓ ଶିବିରର ଆବଶ୍ୟକତା", "ଚିରନ୍ତନୀ", "ଆଧ୍ୟାତ୍ମିକ ଶିକ୍ଷା", "ନୂତନ ପୃଥିବୀ ଓ ଶ୍ରୀଅରବିନ୍ଦ", "ରୂପାନ୍ତର ଯୋଗର ନାମଜପ", "ଦୈନନ୍ଦିନ ଜୀବନରେ ମା'ଙ୍କୁ କିପରି ଭଲ ପାଇବା", "ସାଧକ ହିଁ ଭଗବାନ", "ଚେତନାର ଅଗ୍ରଗତି", "ଯୋଗ ଓ ଜୀବନ" ଓ "ଜନ୍ମମୃତ୍ୟୁର ରହସ୍ୟ ଓ ମୃତ୍ୟୁ ଉପରେ ବିଜୟ" ସମ୍ପର୍କରେ ମନୋଜ ଦାସ, ଅଜୟ ପଲେଇ ଓ ସୁବାସ କର ଆଲୋଚନା କରିଥିଲେ।... ଏପ୍ରିଲ ୨୧ ଓ ୨୨ ଦୁଇଦିନଧରି ମାତୃଶିକ୍ଷାକେନ୍ଦ୍ର, ତାହାରପୁରଠାରେ ଜିଲ୍ଲାସ୍ତରୀୟ ପୁରାତନ ଛାତ୍ର ସମାବେଶ କୀର୍ତ୍ତନ ବିହାରୀ ରାଉତଙ୍କ ପରିଚ୍ଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସାଦ ତ୍ରିପାଠୀ

ଅଂଶଗ୍ରହଣ କରିଥିଲେ।... ୨୯.୪.୧୮ରେ ପଙ୍କପାଳଠାରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମୂଲ୍ୟ କୁମାର ସାହୁ ଓ ଜଗଦାନନ୍ଦ ମହାପାତ୍ର "ଚିରନ୍ତନୀ" ପୁସ୍ତକ ପାଠ କରି ଆଲୋଚନା କରିଥିଲେ।... ୨୭.୫.୧୮ରେ ରନ୍ଧମା ଗ୍ରାମରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ବନମାଳୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ରାଉତ, ଡ. ପୃଷ୍ଠି ଓ କୈଳାସ ଚନ୍ଦ୍ର କୁଅଁର "ଶରୀରର ସାଧନା ଓ ସ୍ୱାସ୍ଥ୍ୟରକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦିନୀ ମଲ୍ଲିକ ଅଂଶଗ୍ରହଣ କରିଥିଲେ।... ଜୁନ ୩ ଓ୪ ଦୁଇଦିନଧରି ଅତିମାନସ ଜ୍ୟୋତି ଭବନ, ଡାହାଣିଗଡିଆଠାରେ ଜନାର୍ଦ୍ଦନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଶ୍ରୀଅରବିନ୍ଦ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।... ଜୁନ ୩ ଓ ୪ ଦୁଇଦିନଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତରାପୁରଠାରେ ଅଗ୍ରଦୂତଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାଶ ଚନ୍ଦ୍ର କୁଅଁର ଓ ବନମାଳୀ ଆଚାର୍ଯ୍ୟ ଅଂଶଗ୍ରହଣ କରିଥିଲେ।... ୧୦.୬.୧୮ରେ ଶ୍ରୀଅରବିନ୍ଦ ଯୋଗନିକେତନ, ପାଣିକୋଇଲିଠାରେ କର୍ମୀ ସମାବେଶର ପ୍ରସ୍ତୁତି ବୈଠକ କୀର୍ତ୍ତନ ବିହାରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।... ୨୪.୬.୧୮ରେ ମୁଣ୍ଡମାଳସ୍ଥିତ ରମାବର୍ମନ ରାୟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

**କେନ୍ଦ୍ରାପଡା:-** ୧୫.୬.୧୮ରେ ବିଲିପଦାସ୍ଥିତ ସୁକେଶିନୀ ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସର୍ବେଶ୍ୱର ମହାପାତ୍ର ଓ ଜଗନମୋହନ ସ୍ୱାଇଁଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଜୁଲତା ପଣ୍ଡା, ମାଗୁଣିଚରଣ ଦାଶ ଓ ଉର୍ମିଳା ରାଉତ "ଦିବ୍ୟଚେତନା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୬.୧୮ରେ ଆରିପଦାସ୍ଥିତ ବାସନ୍ତି ସାହୁଙ୍କ ବାସଭବନରେ ମୀରାମ୍ବିକା ପାଠଚକ୍ରର ୧୧ତମ ବାର୍ଷିକୋତ୍ସବ ପିତାମ୍ବର ମଲ୍ଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ନୟନା ବେହେରା ଓ ସୁବାସ ଚନ୍ଦ୍ର କର ଆଲୋଚନା କରିଥିଲେ।... ୧୬.୬.୧୮ରେ ବଉଲାଙ୍ଗଠାରେ ରାଜକିଶୋର ରାଉତ ଓ ଅବିନାଶଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଭାଗିରଥି ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନର ତାତ୍ପର୍ଯ୍ୟ" ସମ୍ପର୍କରେ ନୟନା ବେହେରା ଓ ମାଗୁଣି ଚରଣ ଦାସ ଆଲୋଚନା କରିଥିଲେ।... ୨୦.୬.୧୮ରେ ମାର୍ଶାଘାଇସ୍ଥିତ ସବିତା ବିଶ୍ୱାଳଙ୍କ ବାସଭବନରେ ସତ୍ୟମୟୀ ପାଠଚକ୍ର ପିତାମ୍ବର ମଲ୍ଲିକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ "ଦିବ୍ୟଯୁଗ ସ୍ଥାପନାରେ ନାରୀ" ସମ୍ପର୍କରେ ଅଞ୍ଜନା ପ୍ରଧାନ, ନୟନା ବେହେରା ଓ ଚିତ୍ତରଞ୍ଜନ ଦାସ ଆଲୋଚନା କରିଥିଲେ।... ୨୦.୬.୧୮ରେ ଛନ୍ଦାସ୍ଥିତ ଅଜିତ କୁମାର ମହାପାତ୍ରଙ୍କ ବାସଭବନରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଜଗନମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚେତନାର ନବଜନ୍ମ" ସମ୍ପର୍କରେ ବାସୁଦେବ ନାୟକ ଓ ପଞ୍ଚାନନ ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୪.୬.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଟିକଟାଠାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ମଳୟ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ନାୟକ, ଅଞ୍ଜନା ପ୍ରଧାନ ଓ ଊର୍ମିଳା ରାଉତ "ନାମଜପର ମହାତ୍ମ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ସିହ୍ନା ଅଂଶଗ୍ରହଣ କରିଥିଲେ।... ୨୫.୬.୧୮ରେ ଶ୍ରୀମୀରା ମନ୍ଦିରଠାରେ ହିମାଂଶୁ ଶେଖର ମହାନ୍ତି ଓ କସ୍ତୁରୀବାଳା ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୮.୬.୧୮ରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର, ଜଜାଙ୍ଗଠାରେ କେନ୍ଦ୍ରାପଡାର ଜୁଲାଇ ମାସର ପ୍ରସ୍ତୁତି ବୈଠକ ଭଗବତୀ ପ୍ରସାଦ ଦାସ ଓ ନୟନା ବେହେରାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି।... ୧.୭.୧୮ରେ ନଗରୀପଡା ଗ୍ରାମର ପ୍ରତାପଚନ୍ଦ୍ର ସ୍ୱାଇଁଙ୍କ ବାସଭବନରେ ଶୁକଦେବ ସାମଲଙ୍କ ପରିଚାଳନାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ଓ କିପରି ?" ସମ୍ପର୍କରେ ମାଗୁଣି ଚରଣ ଦାଶ ଓ ଶୁକଦେବ ସାମଲ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ରନାଥ ଦାଶ ସହଯୋଗ କରିଥିଲେ।

**କଟକ:-** ୩.୬.୧୮ରେ ଖାନନଗରସ୍ଥିତ ଶ୍ରୀକୁଞ୍ଜ ଆପାର୍ଟମେଣ୍ଟସ୍ଥିତ କପିଳାସ ପ୍ରସାଦ ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବ୍ୟକ୍ତିଗତ ଜୀବନରେ ପାଠଚକ୍ରର ଆବଶ୍ୟକତା" ଓ "ମାନବ ଯୁଗଚକ୍ର" ସମ୍ପର୍କରେ ପ୍ରମୋଦ କୁମାର ମହାନ୍ତି, ଡ.ଶରତ ଚନ୍ଦ୍ର ମିଶ୍ର ଓ କପିଳାସ ପ୍ରସାଦ ଦାସ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନାତନ ବାରିକ ଅଂଶଗ୍ରହଣ କରିଥିଲେ।... ୫.୬.୧୮ରେ ଗଡଚଣ୍ଡୀ କଲୋନୀସ୍ଥିତ ରବିନାରାୟଣ ବାରିକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୮ମ ବାର୍ଷିକୋତ୍ସବ ସନାତନ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାସ ଚନ୍ଦ୍ର ରାଉତ, ପଞ୍ଚାନନ ସାହୁ, ସୁବାସ ଚନ୍ଦ୍ର ସାହୁ, ଅରୁଣ କୁମାର ପରିଡା, ଲିଟୁ ଓ

ବାନାମ୍ବର ମହାନ୍ତି "ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ଓ ପାଠଚକ୍ର" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୬.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେନ୍ଦୁପଲ୍ଲୀଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୧୨, ୧୬, ୨୦ ଓ ୨୬ରେ ବେଲେଶ୍ୱରସ୍ଥିତ ପ୍ରତିଭା ଦାସ, ଦୁଲାଦେଇସ୍ଥିତ ହିମାଂଶୁ ରାୟ, ଅନ୍ଦରପୁରସ୍ଥିତ ରାମଚନ୍ଦ୍ର ବେଉରା ଓ କଲ୍ୟାଣୀନଗରସ୍ଥିତ ବିଷ୍ଣୁପ୍ରିୟା ଦାଶଙ୍କ ବାସଭବନରେ ମାସିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବ ଯୁଗ-ଚକ୍ର" ପୁସ୍ତକର କିଛି ଅଂଶ ପାଠ କରାଯାଇ ଆଲୋଚନା କରିଥିଲେ।... ୧୮.୫.୧୮ରେ ନଡିଆବଗିଚ୍ଛସ୍ଥିତ ହିମାଂଶୁ ଶେଖର ରାୟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ କୁମାର ରାଉତରାୟ "ସମୟର ଆହ୍ୱାନ" ସମ୍ପର୍କରେ ଆଲୋଚନା କରିଥିଲେ।... ଜୁନ ୩, ୧୭, ୨୩ ଓ ୨୪ ତାରିଖରେ ଗୁଉଲିଆଗଞ୍ଜସ୍ଥିତ ପ୍ରସନ୍ନ କୁମାର ସାହୁ, ଅନ୍ଦରପୁରସ୍ଥିତ ମିଟୁ, ରାଜେନ୍ଦ୍ରନଗରସ୍ଥିତ ପ୍ରସାଦ ତ୍ରିପାଠୀ, ନେତାଜୀନଗରସ୍ଥିତ ଅମ୍ବରୀଶ ମିଶ୍ରଙ୍କ ବାସଭବନରେ ମାସିକ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବ ଯୁଗ-ଚକ୍ର" ପୁସ୍ତକର ପୃଷ୍ଠା ୪୦ ରୁ ୪୬ ପର୍ଯ୍ୟନ୍ତ ପାଠ କରାଯାଇ ଆଲୋଚନା କରିଥିଲେ।... ୨୫.୬.୧୮ରେ ମଦନମୋହନ ନଗରସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ରର ଏକାଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ସମର୍ପଣ" ସମ୍ପର୍କରେ ଲାବଣ୍ୟ ତ୍ରିପାଠୀ ଓ ପଦ୍ମଲୋଚନ ପୋଥାଳ ଆଲୋଚନା କରିଥିଲେ।... ୨୪.୬.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେନ୍ଦୁପଲ୍ଲୀଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେନ୍ଦ୍ର କୁମାର ପରିଡା "ପୂର୍ଣ୍ଣାଙ୍ଗ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ।

**କେନ୍ଦୁଝର:-** ଅଣସାହିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଗୁନଚରଣ ସାହୁଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ଏଥିରେ ସୁବାସଚନ୍ଦ୍ର କର, ଅନନ୍ତ ଚରଣ ଖୁଣ୍ଟିଆ, ସବିତା ମିଶ୍ର "ସାବିତ୍ରୀ" ଓ "ପୂର୍ଣ୍ଣାଙ୍ଗ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୨.୬.୧୮ରେ ପଦ୍ମପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ବୃନ୍ଦାବନ ବାଇ, ଅଜୟ କୁମାର ସାହୁ, ସୁବାସଚନ୍ଦ୍ର କର, କୀର୍ତ୍ତନ କୁମାର ବ୍ରହ୍ମ ଓ ଜନାର୍ଦ୍ଦନ ଆଚାର୍ଯ୍ୟ "ଯୋଗ ସମନ୍ୱୟ", "ଆତ୍ମ ଉନ୍ମିଳନ", "ସାବିତ୍ରୀ", "ଅଧ୍ୟୟନ, ସଙ୍ଗଠନ ଓ ପ୍ରଗତି" ସମ୍ପର୍କରେ ଆଲୋଚନା କରିଥିଲେ। ଜୁନ ୩ ରୁ ୭ ପର୍ଯ୍ୟନ୍ତ ଅରୋଗାର୍ଡନ, ତେଲକୋଇ, ବଡବିଲ, ମୁଗୁପୁର ଓ ପଦ୍ମପୁରଠାରେ ସି.ଏଚ୍. ନିରାକାରଙ୍କ ପ୍ରଶ୍ନୋତ୍ତର

କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।... ୪.୬.୧୮ରେ କେନ୍ଦୁଝରଠାରେ ରାଜନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଅଜୟ କୁମାର ପଲେଇ ଓ ଶ୍ରୀକାନ୍ତ ସାହୁ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ୭.୬.୧୮ରେ ନରଣପୁରସ୍ଥିତ ରାମ ଶୁକ୍ଲାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ନିରୋଜ କୁମାର ମହାନ୍ତି ଓ ଶ୍ରୀକାନ୍ତ ସାହୁ "ପୂର୍ଣ୍ଣାଙ୍ଗ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ଜୁନ ୧୭ ଓ ୧୮ ଏବଂ ଜୁନ ୧୯ ଓ ୨୦ ରେ ରାଇକଳା ଓ ଚମ୍ପୁଆଠାରେ ଶିକ୍ଷକ ତାଲିମ ଶିବିର ବ୍ରଜମୋହନ ବେହେରାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି ।... ୨୬.୬.୧୮ରେ ପଦ୍ମପୁରସ୍ଥିତ ରଶ୍ମି ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଅଜୟ କୁମାର ସାହୁ "ଦିବ୍ୟଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ ।... ଜୁନ ୨୭ ଓ ୨୮ ଦୁଇଦିନଧରି ତେନ୍ତୁଲିନଣ୍ଡାଠାରେ ଶିକ୍ଷକ ତାଲିମ ଶିବିର ବ୍ରଜମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।... ୨୮.୬.୧୮ରେ ବେଲବାହାଲୀସ୍ଥିତ ଅଲେଖ ଚନ୍ଦ୍ର ସାହୁଙ୍କ ବାସଭବନରେ "ଜନ୍ମଦିବସ" ସମ୍ପର୍କରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜନ୍ମଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ଅଜୟ କୁମାର ସାହୁ, ବୃନ୍ଦାବନ ବାଇ ଓ ଅନନ୍ତ ଚରଣ ଖୁଣ୍ଟିଆ ଆଲୋଚନା କରିଥିଲେ ।

### ଆସ୍ପୃହା ମଣ୍ଡଳ

**ଗଜପତି :-** ୨୭.୫.୧୮ରେ ଲାଞ୍ଜିପଦରଠାରେ ଜିଲ୍ଲାସ୍ତରୀୟ ଦ୍ୱିମାସିକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ତୁମ ଅନ୍ତରରେ ଥିବା ମନ୍ଦିର", "ଅନ୍ତର ଦିବ୍ୟଚେତନାର ଉନ୍ମୀଳନ" ସମ୍ପର୍କରେ ଗୌରହରି ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ରଥ, ଦେବୀ ପ୍ରସାଦ ପ୍ରଧାନ, ଗୀତାଞ୍ଜଳି ଦାସ, ଅରବିନ୍ଦ ଦାସ, ସୀମାଞ୍ଚଳ ଦାସ, ତ୍ରିନାଥ ଡାକୁଆ, କୃଷ୍ଣଚନ୍ଦ୍ର ରାଉତ ଆଲୋଚନା କରିଥିଲେ ।... ଜୁନ ୮ ରୁ ୧୧ ପର୍ଯ୍ୟନ୍ତ ଆସ୍ପୃହା ମଣ୍ଡଳର ଶିକ୍ଷକ ସମ୍ମିଳନୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଲ୍ଲିକୋଟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରସାଦ ତ୍ରିପାଠୀ "ପୂର୍ଣ୍ଣାଙ୍ଗ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାମନାରାୟଣ ପାତ୍ର, ନିଶିଥ ରଞ୍ଜନ ରାଉତ, ରସରାଜ ନାୟକ, ସ୍ୱପ୍ନଲତା ମହାପାତ୍ର, ସୁକାନ୍ତ ଚୌଧୁରୀ, ଗୀତାଞ୍ଜଳି ଦାସ, ଆଶାଲତା ପଣ୍ଡା, ସନ୍ତୋଷ କୁମାର କାନୁନଗୋ, ପ୍ରଶାନ୍ତ କୁମାର ଲେଙ୍କା ବିଜ୍ଞାନ, ଭୂଗୋଳ, ସମନ୍ୱିତ ପୁସ୍ତକ, ଶାରୀରିକ ପ୍ରମୁଖ କର୍ମଶାଳାକୁ ପରିଚାଳନା କରିଥିଲେ । ଉକ୍ତ ସମ୍ମିଳନୀକୁ ଲକ୍ଷ୍ମୀଚରଣ ଦାସ, ଶିବରାମ ପଣ୍ଡା, ଶଶଧର ବେହେରା, ସୁକାନ୍ତ ଚୌଧୁରୀ ଓ ଗୀତାଞ୍ଜଳି ଦାସ ପରିଚାଳନା କରିଥିଲେ ।

**ଗଞ୍ଜାମ:-** ୧୧.୬.୧୮ରେ ବି.ନୂଆପଲ୍ଲିଗ୍ରାମରେ ସନ୍ତୋଷ ବେହେରାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ", "ଶିଶୁର ଭରସା", "ଶ୍ରୀଅରବିନ୍ଦଙ୍କ ଯୋଗ ଓ ମା ବହି" ସମ୍ପର୍କରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ।... ୧୩.୬.୧୮ରେ ଉସ୍ଥାପଡାସ୍ଥିତ ରାଜୀବ ପ୍ରଧାନଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି", "ରୂପାନ୍ତର ଯୋଗ ଓ ମା ନାମଜପ" ଓ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅତିମାନସ ଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୧୭.୬.୧୮ରେ ଶ୍ରୀଅରବିନ୍ଦ ଭବନ, ବ୍ରହ୍ମପୁରଠାରେ ଆସ୍ପୃହା ମଣ୍ଡଳର ପ୍ରାକ ପ୍ରସ୍ତୁତି କର୍ମୀ ସମ୍ମିଳନୀ ଉନ୍ନା ସୀମାଞ୍ଚଳ, ଭାଗିରଥି ମହାପାତ୍ର, ଲଲାଟେନ୍ଦୁ ସାମନ୍ତ ଓ ଶଶଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିବରାମ ପଣ୍ଡା, ଅରବିନ୍ଦ ଦାସ, ଗୀତାଞ୍ଜଳି ଦାସ, ଗୀତାଞ୍ଜଳି ସେନାପତି ସହଯୋଗ କରିଥିଲେ।... ୧୮.୬.୧୮ରେ ଉସ୍ଥାପଡାସ୍ଥିତ ପଦ୍ମଚରଣ ରାଉତଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ବିବର୍ତ୍ତନରେ ମନୁଷ୍ୟ" ଓ "ନିମ୍ନ ପ୍ରକୃତି ଓ ଅତିମାନସର କାର୍ଯ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୯.୬.୧୯ରେ ଉସ୍ଥାପଡାସ୍ଥିତ କାହ୍ନୁଚରଣ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ କୁମାର ସାହୁ "ମାତୃବାଣୀ", "ଭଗବାନଙ୍କ ଅସ୍ତିତ୍ୱ" ଓ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅତିମାନସ ଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୧୯.୬.୧୮ରେ ପୋଲସରାସ୍ଥିତ ସ୍ୱାଗତିକା ମହାପାତ୍ରଙ୍କ ବାସଭବନରେ ରାଜେନ୍ଦ୍ର ପାତ୍ର, କୀର୍ତ୍ତନ ପ୍ରଧାନ ଓ ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ନାମଜପରେ ଅବଚେତନାରେ ପ୍ରଭାବ", "ମା'ଙ୍କ ଉପରେ ଭରସା", "ଚୈତ୍ୟପୁରୁଷ" ଓ "ଅର୍ଥଶକ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୦.୬.୧୮ରେ ଉସ୍ଥାପଡାସ୍ଥିତ ପୁଷ୍ପାଞ୍ଜଳି ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ଯୁଗ ପରିବର୍ତ୍ତନ ଓ ଶ୍ରୀଅରବିନ୍ଦଙ୍କ ଯୋଗ", "ପୃଥିବୀରେ ଆମର କର୍ତ୍ତବ୍ୟ" ଓ "ସମର୍ପଣ ମା'ଙ୍କ

ପାଖରେ” ସମ୍ପର୍କରେ ଆଲୋଚନା କରିଥିଲେ।... ୨୧.୬.୧୮ରେ ଉସ୍ତାପଡା ଗ୍ରାମରେ ଗଣେଶ୍ୱର ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ “ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା”, “ସକାମ କର୍ମ, ନିଷ୍କାମ କର୍ମ” ଓ “ନିମ୍ନ ପ୍ରକୃତିର ରୂପାନ୍ତର” ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୬.୧୮ରେ ମା.ନୂଆସାହିସ୍ଥିତ ପ୍ରଦୀପ ସ୍ୱାଇଁଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ “ସମର୍ପଣର ସହଜ ଉପାୟ”, “ଜୀବନ ନିକେତନ”, “ନୈତିକତା ଓ ଆଧ୍ୟାତ୍ମିକତା” ସମ୍ପର୍କରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ।... ୨୫.୬.୧୮ରେ ହଂସପୁରସ୍ଥିତ ରଞ୍ଜନ ସେଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ “ସରଳ ହେବା”, “ଶ୍ରୀଅରବିନ୍ଦଙ୍କ ଯୋଗ” ଓ “ଆଦର୍ଶ ଶିଶୁ” ସମ୍ପର୍କରେ ବିକାଶ ରେଡି, ସୁବାସ ଚନ୍ଦ୍ର ସାହୁ ଓ ଚିଦାନନ୍ଦ ନାୟକ ଆଲୋଚନା କରିଥିଲେ।... ୩୦.୬.୧୮ରେ ଚିରିକିପଡା ଗ୍ରାମର କେଳୁଚରଣ ପୋଲାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ “ବିଶ୍ୱାସ” ଓ “ମୃତ୍ୟୁ ଭୟର ନିରାକରଣ” ସମ୍ପର୍କରେ ଆଲୋଚନା କରିଥିଲେ।... ୧.୭.୧୮ରେ ଉସ୍ତାପଡାସ୍ଥିତ ଅନ୍ତରା ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସୁବାସ ଚନ୍ଦ୍ର ସାହୁ “ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା” ଓ “ଅତିମାନସ ଶକ୍ତିର କ୍ରିୟାର ନିମ୍ନ ପ୍ରକୃତିର ପ୍ରଭାବ” ସମ୍ପର୍କରେ ଆଲୋଚନା କରିଥିଲେ।... ୧.୭.୧୮ରେ ହଂସପୁରସ୍ଥିତ ଗୌତମ ପାହାନଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା”, “ଅତିମାନସ ଚେତନା ଓ ଶ୍ରୀଅରବିନ୍ଦଙ୍କ ଯୋଗ” ଓ ଶ୍ରୀଅରବିନ୍ଦ ପାଠଚକ୍ରରେ ମାଆମାନଙ୍କ ଭୂମିକା” ସମ୍ପର୍କରେ ସବିତା ବେହେରା, ସୁବାସ ଚନ୍ଦ୍ର ସାହୁ ଓ ଏସ. ବିକାଶ ରେଡି ଆଲୋଚନା କରିଥିଲେ।... ୨.୬.୧୮ରେ ଉସ୍ତାପଡାସ୍ଥିତ କୁମାରୀ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ “ଶ୍ରୀଅରବିନ୍ଦଙ୍କ ଯୋଗରେ ନାମଜପର ଭୂମିକା” ସମ୍ପର୍କରେ ଆଲୋଚନା କରିଥିଲେ।... ୪.୬.୧୮ରେ ଉସ୍ତାପଡାସ୍ଥିତ ପୁଷ୍ପାଞ୍ଜଳି ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ

ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ "ଦିବ୍ୟକୃପା ଓ ମାୟା" ଓ " ବାବାଜୀ ମହାରାଜଙ୍କ ସଂକ୍ଷିପ୍ତ ଜୀବନୀ" ସମ୍ପର୍କରେ ଆଲୋଚନା କରିଥିଲେ।... ୫.୭.୧୮ରେ ଉସ୍ତାପଡାସ୍ଥିତ କାହ୍ନୁଚରଣ ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା, ଗୀତାରାଣୀ ପ୍ରଧାନ ଓ ସୁବାସ ଚନ୍ଦ୍ର ସାହୁ "ଅତିମାନସ ଶକ୍ତିର କାର୍ଯ୍ୟ", "ଶ୍ରୀଅରବିନ୍ଦଙ୍କ ଯୋଗ", "ବାବାଜୀ ମହାରାଜାଙ୍କ ପତ୍ରାବଳୀ" ଓ "ନାରୀମାନଙ୍କ ପ୍ରକୃତ କ୍ଷେତ୍ର" ସମ୍ପର୍କରେ ଆଲୋଚନା କରିଥିଲେ।... ୭.୭.୧୮ରେ ଉସ୍ତାପଡାସ୍ଥିତ ମିଟୁ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା", "ରାଗ ଓ ଏହାର ରୂପାନ୍ତର", "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୀତାରାଣୀ ପ୍ରଧାନ "ଧ୍ୟାନ ଓ ପ୍ରାର୍ଥନ" ଆବୃତ୍ତି କରିଥିଲେ।... ୮.୭.୧୮ରେ ବଡମାଧପୁରଗ୍ରାମରେ ଏସ୍. ରେଡିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା, ଏସ୍. ବିକାଶ ରେଡ଼ି, ଚିଦାନନ୍ଦ ନାୟକ ଓ ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ ସମର୍ପଣ କିପରି କରିବା", "ଆଦର୍ଶ ଶିଶୁଟିଏ ହେବା", "ମହିଳା ପାଠଚକ୍ରର ଆବଶ୍ୟକତା", "ବାବାଜୀଙ୍କ ପତ୍ରାବଳୀ ଓ "ଯୋଗରେ ନିମ୍ନ ପ୍ରକୃତିର ରୂପାନ୍ତର" ସମ୍ପର୍କରେ ଆଲୋଚନା କରିଥିଲେ।... ୮.୭.୧୮ରେ ହଂସପୁରସ୍ଥିତ ରାଜେନ୍ଦ୍ର ସେଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଏସ୍. ଚିଦାନନ୍ଦ ରେଡିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ମନୁଷ୍ୟ ଏକ ମଧ୍ୟବର୍ତ୍ତୀ କାଳୀନ ଜୀବ", "ସମର୍ପଣର ଯୋଗ" ଓ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚିଦାନନ୍ଦ ନାୟକ ଓ ରାମକୃଷ୍ଣ ନାୟକ ଅଂଶଗ୍ରହଣ କରିଥିଲେ।... ୯.୭.୧୮ରେ ଚିରିକିପଡା ଶାସନସ୍ଥିତ ନାରାୟଣ ନାହାକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାସ ଚନ୍ଦ୍ର ସାହୁ "ସମର୍ପଣରେ ନିରାପଦ" ଓ "ଚୈତ୍ୟପୁରୁଷଙ୍କ ଜାଗରଣ" ସମ୍ପର୍କରେ ଆଲୋଚନା କରିଥିଲେ।

## ନିଷ୍ଠା ମଣ୍ଡଳ

**ନୟାଗଡ:-** ... ୫.୬.୧୮ରେ ମାନପୁରସ୍ଥିତ ସୁଧାଂଶୁ ଶେଖର ସାହୁ ଓ ପ୍ରତିଭା ମଞ୍ଜରୀ ସାହୁଙ୍କ ବାସଭବନରେ

ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା'ଙ୍କ ବିଶ୍ୱାସ" ଓ "ଭଗବତ ବିଶ୍ୱାସ" ସମ୍ପର୍କରେ ଅଧିକାରୀ ମହାନ୍ତି, ଚକ୍ରପାଣି ସାହୁ ଓ ବନମାଳୀ ପରିଡା ଆଲୋଚନା କରିଥିଲେ ।... ୧୪.୬.୧୮ରେ ନିଳାଦ୍ରୀପୁରସ୍ଥିତ ପ୍ରଦୀପ୍ତ କୁମାର ଶତପଥୀଙ୍କ ବାସଭବନରେ ୰ଗୋପାଳ ଚନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଅତିମାନସ ଶକ୍ତି" ସମ୍ପର୍କରେ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ସୁରେଶଚନ୍ଦ୍ର ବରାଡ ଆଲୋଚନା କରିଥିଲେ ।... ରତନପୁରସ୍ଥିତ ଚକ୍ରପାଣି ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟ ଆସ୍ପୃହା" ସମ୍ପର୍କରେ ଚକ୍ରପାଣି ସାହୁ ଓ ଚତୁର୍ଭୁଜ ପାତ୍ର ଆଲୋଚନା କରିଥିଲେ ।... ୧.୭.୧୮ରେ ଗୋଡିସାହିସ୍ଥିତ ଦିଲୀପ କୁମାର ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା", "ମା'ଙ୍କ ଉପରେ ଭରସା" ସମ୍ପର୍କରେ ସୁନୀଲ କୁମାର ପୃଷ୍ଟି, ସନାତନ ଲେଙ୍କା, ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଚକ୍ରପାଣି ସାହୁ ଅଂଶଗ୍ରହଣ କରିଥିଲେ ।

### ସମର୍ପଣ ମଣ୍ଡଳ

**କୋରାପୁଟ:-** ୧୦.୬.୧୮ରେ ସେମିଳିଗୁଡାସ୍ଥିତ ବାଇଟ୍ ଷ୍ଟାର ହୋଟେଲର ନୂତନ ଗୃହ ପ୍ରବେଶ ନିମନ୍ତେ ଲୋକନାଥ ଆଗ୍ରର୍ଯ୍ୟଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା", "ଆଧାତ୍ମିକ ଚେତନାର ଜାଗୃତି ନିମନ୍ତେ ଆମ୍ଭମାନଙ୍କ ଭୂମିକା", "ବ୍ୟକ୍ତିର ସମଷ୍ଟି ନିମନ୍ତେ କର୍ତ୍ତବ୍ୟ" ଓ "ଆମ୍ଭେମାନେ ନିଜକୁ କିଭଳି ପ୍ରସ୍ତୁତ କରିବା" ସମ୍ପର୍କରେ ପ୍ରଶାନ୍ତ କୁମାର ସ୍ୱାଇଁ, ଟଙ୍କଧର ବେହେରା, ଶ୍ୱେତପଦ୍ମା ପତି, ସୁରେନ୍ଦ୍ରନାଥ ଦାଶ ଏବଂ "ସଙ୍ଗଠନକୁ କିପରି ସୁଦୃଢ଼ କରିବା" ଓ "ଆମ୍ଭେମାନେ କ'ଣ କରିପାରିବା" ସମ୍ପର୍କରେ ସୁଜାତା ପତି, ଉଷାରାଣୀ ମିଶ୍ର ଓ ଇନ୍ଦୁମତି ମହାନ୍ତି ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲୋକନାଥ ଆଗ୍ରର୍ଯ୍ୟ ଅଂଶଗ୍ରହଣ କରିଥିଲେ ।... ୨୫.୬.୧୮ରେ କେନ୍ଦୁଗୁଡାସ୍ଥିତ ସୁରେଶ ବିଶୋଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଆସ୍ପୃହା ଓ ମାତୃକୃପା" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଚୁଡାମଣି ଆଗ୍ରରୀ, ନୀଳମାଧବ ମିଶ୍ର, ସନ୍ତୋଷୀ ପାତ୍ର, ପ୍ରଜ୍ଞା ବିଶୋୟୀ, ଗାୟତ୍ରୀ ମିଶ୍ର, ଅନିତା ପୋଦ୍ଦାର, ଭବାନୀ ବିଷୋୟୀ ଓ ରମାରାଣୀ ବିଶୋୟୀ ଅଂଶଗ୍ରହଣ କରିଥିଲେ ।... ୩୦.୬.୧୮ରେ କଡାପଟା ଗ୍ରାମରେ ଅପରାହ୍ନ ୨.୦୦ ରୁ ୬.୦୦ ମଧ୍ୟରେ ତିନୋଟି ପାଠଚକ୍ର ଯଥାକ୍ରମରେ ଅଙ୍ଗନବାଡି, ଚୈତନ୍ୟ

ମୁଦୁଲିଙ୍କ ବାସଭବନ ଓ ରଘୁନାଥ ଯାନୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଆଗମନର ରହସ୍ୟ" ଓ "ଆମେ ପାଠଚକ୍ର କରିବା କାହିଁକି ?" ସମ୍ପର୍କରେ ନୀଳମାଧବ ମିଶ୍ର, ଗୀତାଞ୍ଜଳି ବେହେରା ଓ ବବିତା ରାଣୀ ଦୋରା ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବବିତା ସାବତ ଓ ବାସନ୍ତୀ ମୁଦୁଲିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି ।

**ମାଲକାନଗିରି:-** ୧.୭.୧୮ରେ ଶ୍ରୀଅରବିନ୍ଦ ଆଶ୍ରମରେ କର୍ମୀ ସମ୍ମିଳନୀ ନୀଳମାଧବ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିତାଂଶୁ ବେହେରା ଓ ବିଚିତ୍ରାନନ୍ଦ ରାଉତ ସହଯୋଗ କରିଥିଲେ ।

**ସମତା ମଣ୍ଡଳ**

**ସୁନ୍ଦରଗଡ:-** ୨.୬.୧୮ରେ ବେନିଢ଼ିପାସ୍ଥିତ ବିସ୍ମିତାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩ୟ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ ।... ୬.୬.୧୮ରେ ଝୁରିମାଲସ୍ଥିତ ହେମନ୍ତ ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ ଓ ନିର୍ଦ୍ଦେଶ ପଟେଲ ଆଲେଚନା କରିଥିଲେ ।... ୭.୬.୧୮ରେ ବେଲସରାସ୍ଥିତ ଲିପିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବରେ ବୁଦ୍ଧଦେବ ପଟେଲ, ସୁଦାମ ଚରଣ ପଟେଲ ଓ ବିପିନ ବାରିକ ଅଂଶଗ୍ରହଣ କରିଥିଲେ ।... ୧୩.୬.୧୮ରେ ଲୋକଡେଗାଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୪୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଦ୍ଧଦେବ ପଟେଲ, ରଞ୍ଜିତା ପଟେଲ, ସୁଦାମ ପଟେଲ, ଗଣେଶ ପଟେଲ, ଲବଣୀ ପଟେଲ, ଧ୍ରୁବ ପଟେଲ ଓ ସୁବ୍ରତ ପଟେଲ ଅଂଶଗ୍ରହଣ କରିଥିଲେ ।... ୧୬.୬.୧୮ରେ ଦିଆମୁଣ୍ଡାସ୍ଥିତ ଝିନୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବରେ ଧ୍ରୁବ ଚରଣ ପଟେଲ, ହେମନ୍ତ ପଟେଲ, ଦୀପସ ପଟେଲ ଓ ସୁଦାମ ପଟେଲ ଅଂଶଗ୍ରହଣ କରିଥିଲେ ।... ୧୯.୬.୧୮ରେ ସୁରଡା ଗ୍ରାମର ଆକାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪୨ତମ ବାର୍ଷିକୋତ୍ସବରେ ବୁଦ୍ଧଦେବ ପଟେଲ, ସୁଦାମ ପଟେଲ ଓ ସରୋଜିନୀ ପଟେଲ ଅଂଶଗ୍ରହଣ କରିଥିଲେ ।... ୨୩.୬.୧୮ରେ ଲୋକଡେଗା ଗ୍ରାମର ଅନୀତାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଲବଣୀ ପଟେଲ, ସୁଦାମ ପଟେଲ, ବୁଦ୍ଧଦେବ ପଟେଲ ଓ ଦୀପସ ପଟେଲ ଅଂଶଗ୍ରହଣ କରିଥିଲେ ।... ୨୫.୬.୧୮ରେ ବଞ୍ଜାରୀବର ଗ୍ରାମର ସୁରେଶ ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୮.୬.୧୮ରେ ଦିଆମୁଣ୍ଡସ୍ଥିତ କ୍ଷୀରୋଦଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ, ବୁଦ୍ଧଦେବ ପଟେଲ ଓ ବିପିନ ବାରିକ ଅଂଶଗ୍ରହଣ କରିଥିଲେ ।...୩୦.୬.୧୮ରେ ପିତପଡାସ୍ଥିତ ପାୟଲଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ସୁଦାମ ଚରଣ ପଟେଲ ଓ ଦୀପସ୍ କୁମାର ପଟେଲ "ଶିଶୁ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।

**ମୁମ୍ବାଇ :** ୨୫.୩.୧୮ରେ Airoli ସ୍ଥିତ ପ୍ରିତିସୁଧା ମହାପାତ୍ରଙ୍କ ବାସଭବନରେ ଅରୋମୀରା ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୀତାମ୍ବର ମହାପାତ୍ର "ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରିତିସୁଧା ମହାପାତ୍ର, ପ୍ରଭାତ କୁମାର ସାହୁ ଓ ପ୍ରିନ୍ସ୍ ଅଂଶଗ୍ରହଣ କରିଥିଲେ।

●

## ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍ ୨୯ତମ ବାର୍ଷିକ ଅଧିବେଶନ

ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ୨୯ତମ ବାର୍ଷିକୋତ୍ସବ ୮ ଏବଂ ୯ ସେପ୍ଟେମ୍ବର ୨୦୧୮ ଦିନ ମାତୃଭବନ, କଟକଠାରେ ଅନୁଷ୍ଠିତ ହେବ। ଏଥର ଆଲୋଚନାର ବିଷୟବସ୍ତୁ ''ମଧୁମେହ ସହିତ ସ୍ୱାସ୍ଥ୍ୟକର ଜୀବନ''("Healthy living with diabetes") ଏହି ସମ୍ମିଳନୀକୁ ଆମ୍ଭେମାନେ ମଧୁମେହ ପୀଡ଼ୀତାମାନଙ୍କୁ ଆମନ୍ତ୍ରଣ କରିବୁ। ସେମାନଙ୍କର ରକ୍ତ ପରୀକ୍ଷା କରାଯିବ ଏବଂ ଆରୋଗ୍ୟ ପାଇଁ ୪ଟି ଧାରାରେ ଚିକିତ୍ସା କରାଯିବ। ଚେତନା ମାଧ୍ୟମରେ ଚିକିତ୍ସା- ଡ:ଯୋଗେଶ ମୋହନ, ପ୍ରଫେସର ୟୁଆନ ଗୁଇଲିୟନ ଏବଂ ତାଙ୍କର ସାଥୀମାନଙ୍କ ଦ୍ୱାରା ଅସ୍ଥିଚିକିତ୍ସା ପ୍ରଣାଳୀ, ଡ:ଦେବବ୍ରତ ସାହାଣୀଙ୍କ ଦ୍ୱାରା ପୂର୍ଣ୍ଣାଙ୍ଗ ଚିକିତ୍ସା ଏବଂ ପ୍ରଫେସର ଅରବିନ୍ଦ ରାଉତରାୟ (IIT ଖଡ଼ଗପୁର)ଙ୍କ ଚାପ ପରିଚାଳନା ମାଧ୍ୟମରେ ଚିକିତ୍ସା। ଏହା ବ୍ୟତୀତ ସର୍ବସାଧାରଣଙ୍କ ଏହି ବିଷୟ ସମ୍ପର୍କରେ ଧାରଣା ପାଇଁ କେତୋଟି ଶିକ୍ଷଣୀୟ ଆଲୋଚନା, ଏଇ ରୋଗ ବିଶାରଦ ମାନଙ୍କଠାରୁ ତଥା ଅନ୍ୟାନ୍ୟ ଚିକିତ୍ସାବିତ୍‌ମାନଙ୍କଠାରୁ ଶୁଣିବାର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ପ୍ରତିବର୍ଷ ପରି ଏକ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି।

ଏ ସମ୍ପର୍କରେ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯିବ। ଏଥିପାଇଁ ଲେଖା ଆମନ୍ତ୍ରଣ କରାଯାଉଛି। ଲେଖାସବୁ ମାତୃଭବନର ସନ୍ଧ୍ୟା ମହାନ୍ତିଙ୍କୁ କିମ୍ବା e-mail: drshyamakanungo@gmail.comରେ ପଠାଇବାକୁ ଅନୁରୋଧ।

ଏଥି ନିମନ୍ତେ ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ ବାହିନୀ ଓ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ଜିଲ୍ଲା ଆବାହକମାନଙ୍କ ନିମନ୍ତେ କୌଣସି ସଭ୍ୟ ଚାନ୍ଦା ନାହିଁ। ଶ୍ରୀଅରବିନ୍ଦ ପାଠଚକ୍ର ସଭ୍ୟସଭ୍ୟାମାନଙ୍କ ନିମନ୍ତେ ୧୦ଟଙ୍କା, ମେଡିକାଲ୍ ଛାତ୍ରଙ୍କ ନିମନ୍ତେ ୨୫ଟଙ୍କା ଓ ଡାକ୍ତରମାନଙ୍କ ନିମନ୍ତେ ୧୦୦ ଟଙ୍କା ସ୍ଥିର କରାଯାଇଛି। ସମସ୍ତଙ୍କୁ ୮ସେପ୍ଟେମ୍ବର ପୂର୍ବାହ୍ନ ୮ଟା ସୁଦ୍ଧା ପହଞ୍ଚି ନାମ ରେଜିଷ୍ଟ୍ରି କରାଇବାକୁ ଅନୁରୋଧ।

*ଡ଼: ଶ୍ୟାମା କାନୁନ୍‌ଗୋ* (୯୪୩୭୦୨୧୫୫୪)

ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ, ମାତୃଭବନ,କଟକ

# ଗତ ୨୪ ଜୁନ୍ ୨୦୧୮ ତାରିଖ ଦିନ ପାରଳାଖେମୁଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିବା ନବଜୀବନ ଶିକ୍ଷା ସଂସଦର ପରିଚାଳନା ସମିତି ବୈଠକର ବିବରଣୀ

୨୪.୦୬.୨୦୧୮ ତାରିଖ ଦିନ ପୂର୍ବାହ୍ନ ୧୧ଟା ବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠ, ପାରଳାଖେମୁଣ୍ଡିଠାରେ ନବଜୀବନ ଶିକ୍ଷାସଂସଦର ପରିଚାଳନା ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂସଦର ସଭାପତି ଶ୍ରୀ ଗଦାଧର ମିଶ୍ର ସଭାପତିତ୍ୱ କରିଥିଲେ।

ପ୍ରଥମେ ଦୁଇମିନିଟ ମା'ଙ୍କ ମ୍ୟୁଜିକ୍ ସହିତ ଧ୍ୟାନ ହେବାପରେ ଶ୍ରୀ ଗଦାଧର ମିଶ୍ର ମା'ଙ୍କ ନିକଟରେ ମହମବତୀ ଏବଂ ଧୂପ ପ୍ରଜ୍ୱଳନ କରି ଶିକ୍ଷାକେନ୍ଦ୍ରର ଉପରମହଲାରେ ନବନିର୍ମିତ ଗୃହକୁ ଅନ୍ୟ ସମସ୍ତଙ୍କ ସହିତ ମା'ଙ୍କ ଚରଣରେ ନିବେଦନ କରିଥିଲେ। ଏଥିରେ ନବଜୀବନ ଶିକ୍ଷାସଂସଦର ଉପସଭାପତି ଶ୍ରୀ ଅଶୋକ କୁମାର ନାୟକ ଏବଂ ପାରଳାଖେମୁଣ୍ଡି ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀ ବିଜୟ କୁମାର ମୁନୀ ସହାୟତା କରିଥିଲେ। ଉପସ୍ଥିତ ସମସ୍ତ ସଭ୍ୟସଭ୍ୟା ତଥା ଅନ୍ୟ ଭାଇଭଉଣୀମାନଙ୍କର ମା'ଙ୍କ ନିକଟରେ ନୂତନ ଗୃହ ନିମନ୍ତେ ସମବେତ କୃତଜ୍ଞତା ତଥା ମାତୃସଙ୍ଗୀତ ସହ ଧ୍ୟାନ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା।

ଏହାପରେ ଶିକ୍ଷାକେନ୍ଦ୍ରର ଅପାମାନେ ଏକ ସମବେତ ମାତୃବନ୍ଦନା ଗାନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଗଲା।

ପ୍ରଥମେ ପାରଳାଖେମୁଣ୍ଡି ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀ ବିଜୟ କୁମାର ମୁନୀ ଉପସ୍ଥିତ ସମସ୍ତଙ୍କୁ ଶିକ୍ଷାକେନ୍ଦ୍ର ତଥା ପାଠଚକ୍ର ତରଫରୁ ଆନ୍ତରିକ ଏବଂ ହାର୍ଦ୍ଦିକ ସ୍ୱାଗତ କରିଥିଲେ।

ଏହାପରେ ଗତ ପରିଚାଳନା ସମିତିର ସଭାପରଠାରୁ ଜୁନ୍ ୨୪ ତାରିଖ ମଧ୍ୟରେ ପରଲୋକଗମନ କରିଥିବା ନିମ୍ନ ମାତୃସନ୍ତାନମାନଙ୍କର ମହାନ୍ ଆତ୍ମାଗୁଡ଼ିକ ପ୍ରତି କୃତଜ୍ଞତା ଜ୍ଞାପନ ପୂର୍ବକ ଗୋଟିଏ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

୧. ଗନ୍ଧର୍ବ ଚରଣ ଲେଙ୍କା, କୁଜଙ୍ଗ, ଜଗତ୍‌ସିଂହପୁର

୨. ରଘୁନାଥ ପୃଷ୍ଟି, ଭୀଷ୍ମଗିରି, ଗଞ୍ଜାମ

୩. ମଧୁସୂଦନ ରାଉତ, ଡୁବୁରୀ, ଯାଜପୁର

୪. କଳ୍ପନା ସାମନ୍ତରାୟ, କଟକ

୫. ଦିବ୍ୟସିଂହ ଭୋଇ, ୪୨ମୌଜା, କଟକ

୬. ରବୀନ୍ଦ୍ର ନାଥ ମିଶ୍ର, ଭେଡ଼େନ୍, ବରଗଡ଼

୭. ଶାନ୍ତିଲତା ସାହୁ, ସିମୁଳିଆ, ଢ଼େଙ୍କାନାଳ

୮. ଅଭିଷେକ ନାୟକ, କଇଁସରା, ସୁନ୍ଦରଗଡ଼

୯. ଶୈଳବାଳା ରଥ, କଟକ

ଏହାପରେ ଗତ ୧୮ ମାର୍ଚ୍ଚ ୨୦୧୮ ତାରିଖରେ କଟକ ମାତୃଭବନଠାରେ ଅନୁଷ୍ଠିତ ହୋଇଥିବା ପରିଚାଳନା ସମିତିର ବିବରଣୀ ପାଠ କରାଯାଇ ସେ ସମ୍ପର୍କରେ ନିମ୍ନଲିଖିତ ସିଦ୍ଧାନ୍ତ ସବୁ ନିଆଯାଇଥିଲା।

**୧. NOC/COR :** ଏ ସମ୍ପର୍କରେ ପୂର୍ବାବସ୍ଥା ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଅଳ୍ପ କେତୋଟି ସ୍କୁଲ ଭିନ୍ନ ଭିନ୍ନ ସ୍ଥାନରେ COR ପାଞ୍ଚବର୍ଷ ପାଇଁ ପାଇସାରିଛନ୍ତି। ମୁଖ୍ୟତଃ Trained teacher ନଥିବା କାରଣରୁ ଅନେକ ସ୍କୁଲରେ COR ନିର୍ଦ୍ଦେଶକଙ୍କ ଅଫିସରୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏ ସମ୍ପର୍କରେ ଶିକ୍ଷା କମିଶନର ଏବଂ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିବା ପାଇଁ ସିଦ୍ଧାନ୍ତ କରାଗଲା।

**୨. ବିଦ୍ୟାଳୟର ବାର୍ଷିକ ଆୟବ୍ୟୟ ବିବରଣୀ:** ଆଲୋଚନାରୁ ଜଣାଗଲା ଯେ ଅଧିକାଂଶ ଶିକ୍ଷାକେନ୍ଦ୍ରର ଆୟବ୍ୟୟର ବିବରଣୀ ଗୋଟିଏ ପ୍ରକାରର ରଖାଯାଇନାହିଁ। ତେଣୁ ପ୍ରତ୍ୟେକ ସ୍କୁଲରୁ ଜଣେ ଅପା/ଭାଇଙ୍କୁ ଡାକି ଏ ବିଷୟରେ ବ୍ୟାପକ ପ୍ରଶିକ୍ଷଣ ଦେବାପାଇଁ ସ୍ଥିର କରାଗଲା। ଆସନ୍ତା ଜୁଲାଇ ମାସ ସାଙ୍ଗଠନିକ ସଭାରେ ସେ ଜିଲ୍ଲାପାଇଁ ନିର୍ଦ୍ଦିଷ୍ଟ ତାରିଖ ଏବଂ ସ୍ଥାନ ଘୋଷଣା କରାଯିବ ଏବଂ ପ୍ରତ୍ୟେକ ସ୍କୁଲର ଉକ୍ତ ଅପା/ ଭାଇ ଆୟ/ବ୍ୟୟ ସଂକ୍ରାନ୍ତୀୟ ସମସ୍ତ ଖାତା କାଗଜ ଏବଂ ରସିଦ, କ୍ୟାସବୁକ୍ ପ୍ରଭୃତି ଇତ୍ୟାଦି ଧରି ଆସିଲେ ସେମାନେ ଅନ୍ତତଃ ଗୋଟିଏ ବର୍ଷର ହିସାବ ନିଜେ ପ୍ରସ୍ତୁତ କରି ନେଇଯାଇପାରିବେ ଏବଂ ଏହାପରଠାରୁ ସବୁକିଛି ସହଜ ହୋଇଯିବ।

**୩. SFA :** କେବଳ ବଲାଙ୍ଗୀର ଏବଂ ରାଇରଙ୍ଗପୁର ଶିକ୍ଷାକେନ୍ଦ୍ର ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାକେନ୍ଦ୍ରକୁ ଗତବର୍ଷର SFAର ଶେଷ କିସ୍ତି ପଠାଯାଇ ସାରିଛି। ଉକ୍ତ ଶିକ୍ଷାକେନ୍ଦ୍ର ଦୁଇଟିରେ ପରିଚାଳନା ସମିତି ଜନିତ ସମସ୍ୟା ଥିବାରୁ ସେମାନଙ୍କୁ SFA ପଠାଯାଇ ପାରିନାହିଁ। ସେମାନଙ୍କ ସମସ୍ୟା ସମାଧାନ ହେବାପରେ ସେମାନଙ୍କୁ SFA ଚେକ୍ ଆକାରରେ ପଠାଯିବାପାଇଁ ଗଚ୍ଛିତ ଅଛି।

**୪. ୩ୟ ଷ୍ଟାଣ୍ଡାର୍ଡ଼ ପାଠ୍ୟପୁସ୍ତକ:** ଅଞ୍ଜଳି ଅପା ଏବଂ ପବିତ୍ର ଭାଇ ୩ୟ ଷ୍ଟାଣ୍ଡାର୍ଡ଼ର ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ସେମାନଙ୍କର ମତପୋଷଣ କଲେ ଏବଂ କାର୍ଯ୍ୟର ବିଶେଷ ଅଗ୍ରଗତି ହୋଇ ନପାରିଥିବା ଜଣାଇଲେ। ସମ୍ପାଦକ ସେମାନଙ୍କୁ ଆବଶ୍ୟକ ହେଲେ ଅନ୍ୟକିଛି ବ୍ୟବସ୍ଥା କରି ୩ୟ ଶ୍ରେଣୀର ପାଠ୍ୟପୁସ୍ତକକୁ ଯଥାଶୀଘ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କଲେ। ଯେଉଁ ଅପା/ଭାଇମାନେ ଏ କାର୍ଯ୍ୟରେ ସମ୍ପୃକ୍ତ ସେମାନଙ୍କ ଅଧକ୍ଷ/ ସମ୍ପାଦକମାନଙ୍କୁ ସେମାନଙ୍କ ସ୍ୱାଭାବିକ ଦାୟିତ୍ୱରୁ ଅନ୍ତତଃ ସାତ ଦିନ ପାଇଁ ଅବ୍ୟାହତି ଦେଇ ପାଠ୍ୟପୁସ୍ତକ ପ୍ରସ୍ତୁତି କାର୍ଯ୍ୟରେ ସହାୟତା କରିବାପାଇଁ ଅନୁରୋଧ କରାଗଲା। ଏସବୁ ବ୍ୟତୀତ ପ୍ରଥମ ଏବଂ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ର ପ୍ରକାଶିତ ହୋଇଥିବା Integrated

Bookର ଯଦି ସଂଶୋଧନ ପାଇଁ କାହାପାଖରେ କିଛି ପରାମର୍ଶ ବା ପ୍ରସ୍ତାବ ଥାଏ ତେବେ ତାହାକୁ nlettextbook@gmail.com ମେଲରେ ପଠାଇବାକୁ ଅନୁରୋଧ କରାଗଲା। ଏହାକୁ ଯେତେଶୀଘ୍ର ସମ୍ଭବ ପଠାଇଲେ ଆସନ୍ତା ବର୍ଷର ପାଠ୍ୟପୁସ୍ତକ ଛପାହେବା ପୂର୍ବରୁ ସଂଶୋଧନ କରାଯାଇପାରିବ।

ଭାଗୀଭାଇ, ସୀମାଞ୍ଚଳ ଭାଇ, ଗଙ୍ଗାଭାଇ, ହରିଭାଇ, ସଞ୍ଜୟ ଭାଇ ପ୍ରଥମ ଏବଂ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ ବହିର ସଂଶୋଧନ ଦାୟିତ୍ୱନେଇ ଯଥାଶୀଘ୍ର ଅଞ୍ଜଳି ଅପାଙ୍କୁ ଜଣାଇବେ। ଏହି ଭାଇମାନଙ୍କ ସହିତ ଏଥିପାଇଁ ସମ୍ପର୍କ ରକ୍ଷା କରିବା ପାଇଁ ଅଞ୍ଜଳି ଅପାଙ୍କୁ ଦାୟିତ୍ୱ ଦିଆଗଲା।

**୫. ଜୋନାଲ କାର୍ଯ୍ୟଶାଳା:** କେ.ଜି., ପ୍ରଥମ ଏବଂ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ ପାଇଁ କାର୍ଯ୍ୟଶାଳା ଭିନ୍ନଭିନ୍ନ ସ୍ଥାନରେ ଚାଲୁଅଛି। ଏହାକୁ ନିୟମିତ ରୂପେ କରିବାପାଇଁ ଏବଂ ଯେଉଁଠାରେ ହେଉ ନାହିଁ ସେଠାରେ ଏହାକୁ ନିୟମିତ ରୂପେ କରାଯିବାପାଇଁ ସିଦ୍ଧାନ୍ତ କରାଗଲା।

**୬. ପୂର୍ଣ୍ଣତା ପଥେ:** ସଭାପତିଙ୍କ ପରାମର୍ଶକ୍ରମେ ପୂର୍ଣ୍ଣତାପଥେ ଆଉ ଚାରୋଟି ସଂଖ୍ୟାରେ ପ୍ରକାଶ ନପାଇ ଗୋଟିଏ ସଂଖ୍ୟାରେ ପ୍ରତ୍ୟେକ ବର୍ଷ ଫେବୃୟାରୀରେ ପ୍ରସ୍ତୁତ କରି ଏପ୍ରିଲରେ ପ୍ରକାଶ କରିବା ପାଇଁ ସ୍ଥିର କରାଗଲା। ଆମର କିଛି କିଛି ସ୍କୁଲ କୌଣସି ନା କୌଣସି ବିଷୟରେ କେତେକ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଅଛନ୍ତି। ସେମାନଙ୍କୁ ସେମାନଙ୍କର ଏଇ ପ୍ରଚେଷ୍ଟାର ବିବରଣୀ ପଠାଇବାକୁ ଅନୁରୋଧ କରାଗଲା। ଏହା ବ୍ୟତୀତ ଯେଉଁମାନେ କିଛି କରୁନାହାନ୍ତି ସେମାନେ ଏହିଭଳି କୌଣସି ବିଷୟ ଉପରେ କିଛି କାର୍ଯ୍ୟକରି ସେମାନଙ୍କ ଅନୁଭବକୁ ମଧ୍ୟ ଲେଖିପଠାଇ ପାରିବେ।

ଯେଉଁ ଶିକ୍ଷାକେନ୍ଦ୍ରମାନଙ୍କରେ ନିମ୍ନଲିଖିତ କାର୍ଯ୍ୟକ୍ରମ ସବୁ କରାଯାଉଛି, ସେ ସମ୍ପର୍କରେ କିଛି ବିବରଣୀ ପ୍ରସ୍ତୁତ କରି ଯଥାଶୀଘ୍ର ଅଞ୍ଜଳି ଅପାଙ୍କ ପାଖକୁ ପଠାଇବା ପାଇଁ ଅନୁରୋଧ କରାଗଲା।

କ) ମୁକ୍ତ ପ୍ରଗତି ଶିକ୍ଷା (Free progress system)

ଖ) Integrated bookର ପ୍ରୟୋଗ

ଗ) ବିନା ପୁସ୍ତକରେ ପାଠପଢ଼ା

ଘ) ବିନା ଦଣ୍ଡରେ ଶିକ୍ଷା

ଙ) ପିଲାମାନେ ମା'ଙ୍କୁ କିପରି ଜାଣନ୍ତି ?

ଚ) ପିଲାମାନଙ୍କ ବିଜ୍ଞାନ ମେଳା

ଛ) ପ୍ରଶ୍ନ ତୁମର -ଉତ୍ତର ତୁମର

ଜ) ପିଲାମାନେ ଅପାଭାଇ-ଅପାଭାଇମାନେ ପିଲା

ଝ) ଆମ ବଗିଚା, ଆମ ଖେଳ ପଡ଼ିଆ, ଆମ ଶ୍ରେଣୀଗୃହ, ଆମ ବଡ଼ ଅପା, ଆମ ସ୍କୁଲ ପୋଖରୀ

ଞ) ଆମ କ୍ରୀଡାଉତ୍ସବ

ଟ) ଆମ ସାଂସ୍କୃତିକ କାର୍ଯ୍ୟକ୍ରମ

ଠ) ଆମ ହାଟ, ଆମ ଡାକଘର, ଆମ ରେଳଷ୍ଟେସନ, ଆମ ପୋଲିସ ଥାନା, ଆମ ସରପଞ୍ଚ, ଆମ ଜିଲ୍ଲାପାଳ

ଡ) ଶବ୍ଦ ଗୋଟିକୁ କବିତାଟିଏ

ଢ଼) ଆମ ପାଠଚକ୍ର

**୭. ବାର୍ଷିକ ଶିକ୍ଷକ ସମ୍ମିଳନୀ:** ଚଳିତ ବର୍ଷର ବାର୍ଷିକ ଶିକ୍ଷକ ସମ୍ମିଳନୀ ଅକ୍ଟୋବର ୧୨, ୧୩, ୧୪ ଏବଂ ୧୫ ତାରିଖ ଚାରିଦିନ ବ୍ୟାପୀ କଟକ ମାତୃଭବନଠାରେ ଅନୁଷ୍ଠିତ ହେବ। ୧୫ତାରିଖ ପୂର୍ବାହ୍ନ ୧୧ଟାରେ ନବଜୀବନ ଶିକ୍ଷାସଂସଦର ସାଧାରଣ ପରିଷଦର ବୈଠକ (GB) ଅନୁଷ୍ଠିତ ହେବ। ଏଥିରେ ଟ୍ରଷ୍ଟର ସାଧାରଣ ପରିଷଦର ସମସ୍ତ ସଭ୍ୟସଭ୍ୟା ଯୋଗଦେବାକୁ ଅନୁରୋଧ କରାଗଲା।

**୮. ୪୦ ବର୍ଷରୁ ଅଧିକ ଅଭିଜ୍ଞ ପୂର୍ଣ୍ଣାଙ୍ଗ ଶିକ୍ଷାରେ ସମ୍ପୃକ୍ତ ଅପା/ଭାଇମାନଙ୍କୁ** ଗୋଟିଏ ଦିନପାଇଁ କଟକ ମାତୃଭବନକୁ ଅକ୍ଟୋବର ୧୪ ତାରିଖ (ଶିକ୍ଷକ ସମ୍ମିଳନୀ ମଧ୍ୟରେ) କୁ ଡାକି ସେମାନଙ୍କ ସହିତ ଆଲୋଚନା କରିବାପାଇଁ ସ୍ଥିର କରାଗଲା।

**୯. ଅଧ୍ୟକ୍ଷ/ସମ୍ପାଦକ ସମ୍ମିଳନୀ:** ରାଜ୍ୟସ୍ତରୀୟ ଅଧ୍ୟକ୍ଷ ଏବଂ ସମ୍ପାଦକ ସମ୍ମିଳନୀ ଖଣ୍ଡଗିରିଠାରେ ମାର୍ଚ୍ଚ ୧୬, ୧୭ ତାରିଖରେ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଗଲା। ଓଡ଼ିଶାର ପ୍ରତ୍ୟେକ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଓ ସମ୍ପାଦକଙ୍କୁ ଏଥିରେ ଯୋଗଦେବାକୁ ଅନୁରୋଧ କରାଗଲା।

**୧୦. ଛାତ୍ର ସମ୍ମିଳନୀ:** ଚଳିତ ବର୍ଷର ବାର୍ଷିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀ ସମ୍ମିଳନୀ କଟକ ଜିଲ୍ଲା ଗୋପୀନାଥପୁରଠାରେ ଡିସେମ୍ବର ୨୩, ୨୪ ଏବଂ ୨୫ ତାରିଖରେ ଅନୁଷ୍ଠିତ ହେବ।

**୧୧. ଆୟବ୍ୟୟ:** ଅପର୍ତ୍ତିଭାଇ ଆସନ୍ତା ସାଧାରଣ ପରିଷଦରେ ଉପସ୍ଥାପନ ହେବାକୁ ଥିବା ଟ୍ରଷ୍ଟର ଗତ ଦୁଇବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା।

**୧୨.** ପରବର୍ତ୍ତୀ ପରିଚାଳନା ସମିତି ବୈଠକ ଆସନ୍ତା ଅକ୍ଟୋବର ୧୫ ତାରିଖ ଦିନ ସାଧାରଣ ପରିଷଦ ବୈଠକ ସହିତ ଏକତ୍ର ମାତୃଭବନ, କଟକଠାରେ ଅନୁଷ୍ଠିତ ହେବ।

ନବଜୀବନ ଶିକ୍ଷା ସଂସଦର ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

# ଗତ ମେ ୨୦ ତାରିଖ ୨୦୧୮ ଦିନ ମାତୃଭବନଠାରେ ଅନୁଷ୍ଠିତ ଜିଲ୍ଲା ତଥା ଜୋନ ସଙ୍ଗଠକମାନଙ୍କର କର୍ମଶାଳାରେ ଆଲୋଚନାର ବିବରଣୀ।

ପୂର୍ବାହ୍ନ ୧୦.୩୦ରେ ମା'ଙ୍କ ମ୍ୟୁଜିକ ସହିତ ସମବେତ ଧ୍ୟାନ ପରେ କାର୍ଯ୍ୟଶାଳା ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରସାଦ ତ୍ରିପାଠୀ ସଭାର ଉଦ୍ଦେଶ୍ୟ ବୁଝାଇବାକୁ ଯାଇ, ଏହା ନବଜୀବନ ଶିକ୍ଷା ସଂସଦର ପରିଚାଳନା ସମିତିର ପୂର୍ବ ସଭାର ସିଦ୍ଧାନ୍ତ ଅନୁଯାୟୀ ଏବଂ ଏପରି ମଝିରେ ମଝିରେ ବସିବାର ଆବଶ୍ୟକତା ଅଛି ବୋଲି ଅଧିକାଂଶ ଅନୁଭବ କରିବାପରେ ଆୟୋଜନ କରାଯାଇଛି କହି ଉପସ୍ଥିତ ସମସ୍ତଙ୍କୁ ମାତୃଭବନ ତରଫରୁ ସ୍ୱାଗତ କରିଥିଲେ।

ଶ୍ରୀ ଗଦାଧର ମିଶ୍ର ୧୯୭୨ ମସିହାରେ ମା' ଆଶ୍ରମର ପ୍ରତି ବିଭାଗର ମୁଖ୍ୟମାନଙ୍କୁ ଦେଇଥିବା ବାଣୀ ବିଷୟ ଉଲ୍ଲେଖ କରି ଓଡ଼ିଶାରେ ମା'ଙ୍କ କୃପାରୁ ଏବଂ ବାବାଜି ମହାରାଜ ଓ ପ୍ରପତ୍ତି ମହାଶୟଙ୍କ ସାଧନା ଫଳରେ ସଙ୍ଗଠିତ ହୋଇଥିବା ଅନ୍ୟାନ୍ୟ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ ଆମ୍ଭେମାନେ ଏଠାରେ ମା'ଙ୍କ କାର୍ଯ୍ୟ କରିବାପାଇଁ ଏକତ୍ରିତ ହୋଇଅଛୁ। ସାଧୁତା ଏବଂ ସାମର୍ଥ୍ୟ ଦୁଇଟିଯାକ ପ୍ରାୟ ଏକାଠି ନଥାନ୍ତି। ଆମେ ମା'ଙ୍କ ସହିତ ରହି ତାଙ୍କ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ନେଇଚୁ। ନିଜର ଆତ୍ମାଙ୍କ ପ୍ରତି ଦୃଷ୍ଟି ଦେବା। ଅହଂ ସବୁଠାରୁ ବେଶୀ କ୍ରିୟାଶୀଳ ମାତ୍ର ତା' ପ୍ରତି ଭୃକ୍ଷେପ ନକରି ଆମେ ଏକାଠି ହୋଇଛୁ। ମା'ଙ୍କୁ ପ୍ରାର୍ଥନା କରିବା ଏବଂ ମା'ଙ୍କ ନିକଟରେ ଆମର ସମସ୍ୟା ସମର୍ପଣ କରିବା।

ପ୍ରସାଦ ତ୍ରିପାଠୀ କହିଲେ, ଆମେ ସମସ୍ତେ ସଙ୍ଗଠନର ଦାୟିତ୍ୱ ନେଇଛୁ ତେଣୁ ଆମ ମଧ୍ୟରେ କିଛି ଶୃଙ୍ଖଳା ରହିବା ଆବଶ୍ୟକ। କିଛି ସମାନତା (uniformity) ରହିବା ଆବଶ୍ୟକ। ଆମର କାର୍ଯ୍ୟଧାରା ମଧ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ ଏବଂ ନିଜ ନିଜର କାର୍ଯ୍ୟର ସୀମା ମଧ୍ୟ ଶୃଙ୍ଖଳିତ ହେବା ଦରକାର।

ଏହା ବ୍ୟତୀତ ଆମ ଆମ ମଧ୍ୟର ଏକ ଆତ୍ମିକ ଶୃଙ୍ଖଳା ଏବଂ ସମ୍ପର୍କ ମଧ୍ୟ ନିହାତି ଆବଶ୍ୟକ।

ଆମକୁ ଚେଷ୍ଟା କରିବାକୁ ହେବ

୧. କିପରି ସଙ୍ଗତି ରକ୍ଷା କରିବା।
୨. ଆମ କାର୍ଯ୍ୟର ସୀମା ନିର୍ଦ୍ଧାରଣ କରିବା
୩. ବର୍ଷକ କାର୍ଯ୍ୟର ତାଲିକା ଏବଂ ସମୟ ନିର୍ଘଣ୍ଟ ତିଆରି କରିବା
୪. ୨୦୨୦ ସୁଦ୍ଧା ପୂର୍ଣ୍ଣାଙ୍ଗ ଶିକ୍ଷା କାର୍ଯ୍ୟକ୍ରମର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷ୍ୟେ ପ୍ରସ୍ତାବ ଦେବା
୫. ପ୍ରତ୍ୟେକ ଜୋନ୍‌ରେ ଦଶକର୍ମଧାରାକୁ ସକ୍ରୀୟ କରିବା

ଗୋଟିଏ ଦିନ ନିଅଣ୍ଟ ହେଲେ ମଧ୍ୟ ଏପରି ଏକ କାର୍ଯ୍ୟଶାଳା ନିହାତି ଆବଶ୍ୟକ ବୋଲି ସମସ୍ତେ ମତ ଦେଲେ।

ଏହାପରେ ସମସ୍ତଙ୍କୁ ତିନିଟି ଗୋଷ୍ଠୀରେ ବିଭକ୍ତ କରାଗଲା।

ଶାନ୍ତି, ସଙ୍ଗତି ଏବଂ ସମତା ଜୋନକୁ **କାଶମ ଭାଇ,** ସମର୍ପଣ, ଆସ୍ପୃହା, ନିଷ୍ଠା ଜୋନକୁ **ମେରୀଅପା** ଏବଂ ସତ୍ୟ, ଆସ୍ଥା, କୃପା ଜୋନକୁ **ଟିକି ଅପା** (ଢ଼େଙ୍କାନାଳ) ପରିଚାଳନା

କଲେ। ପ୍ରାୟ ଦୁଇଘଣ୍ଟା ଆଲୋଚନା ପରେ ଆଲୋଚନାର ବିବରଣୀ ତିନିଜଣ ଯାକ ନିମ୍ନମତେ ପ୍ରଦାନ କଲେ।

୧. ସମସ୍ତଙ୍କ ଭିତରେ ସଙ୍ଗତି ରକ୍ଷା ପାଇଁ ସମସ୍ତେ ଦାୟିତ୍ୱ ନେବା।
୨. ମା'ଙ୍କ ସନ୍ତାନ ହିସାବରେ ସମସ୍ତ କାର୍ଯ୍ୟକ୍ରମରେ ଭାଗନେବା।
୩. ମା'ଙ୍କ ଚେତନାରେ ରହି କାର୍ଯ୍ୟ କରିବା
୪. ଯେଉଁଠାରେ କିଛି ନିଅଣ୍ଟ ଅଛି ସେଠାରେ କିପରି ମା'ଙ୍କ କାର୍ଯ୍ୟ ଅଗ୍ରଗତି କରିବ ବ୍ୟବସ୍ଥା କରିବା
୫. ଅହଂକାରକୁ କହିବା - "ତୋର ସମୟ ଶେଷ ହୋଇଗଲାଣି"
୬. ସଙ୍ଗଠକ ଓ କର୍ମୀମାନଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ଦୂର କରିବା
୭. ଅନ୍ୟମାନଙ୍କ ତ୍ରୁଟି ବିଚ୍ୟୁତିକୁ ଦେଖିବା ବନ୍ଦ କରିବା
୮. ନୂତନ-ପୁରାତନ ସମସ୍ତଙ୍କ ପ୍ରତି ଶୁଭେଚ୍ଛା ଜଣାଇବା
୯. କୌଣସି ବ୍ୟକ୍ତି ବିଶେଷଙ୍କୁ ସ୍ୱତନ୍ତ୍ର ଭାବରେ ଗୁରୁତ୍ୱ ଦେବାନାହିଁ
୧୦. ବ୍ୟାପକ ହୃଦୟରେ ଶୁଭେଚ୍ଛା ଜଣାଇବା
୧୧. ନିଜର ସାଧନାକୁ ବିଶ୍ଳେଷଣ କରିବା
୧୨. ସ୍ୱାଧ୍ୟାୟ ମାଧ୍ୟମରେ ମା'ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ କରିବା
୧୩. ନିୟମିତ ପାଠଚକ୍ର-ଜିଲ୍ଲା-ଜୋନ ଏବଂ ବ୍ଲକ ସ୍ତରରେ ଯୋଗଦେବା
୧୪. ପ୍ରତ୍ୟେକ ଘଟଣା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିବା ଏବଂ ଯେତେଦୂର ସମ୍ଭବ ସବୁଥିରେ ଯୋଗଦେବା
୧୫. ଜିଲ୍ଲା, ଜୋନ ଏବଂ ରାଜ୍ୟ ସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ଅନୁଭୂତିକୁ ବ୍ୟାପକ କରିବା
୧୬. ପ୍ରତ୍ୟେକ ଘଟଣାକୁ ନିଜର ଦୈନନ୍ଦିନ ବିବରଣୀରେ ଉଲ୍ଲେଖ କରିବା
୧୭. ପ୍ରତ୍ୟେକ ସଭ୍ୟମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରକ୍ଷା କରିବା
୧୮. ସ୍ୱେଚ୍ଛାରେ କାର୍ଯ୍ୟରେ ଅଂଶଗ୍ରହଣ କରୁଥିବା - କୌଣସି ବାଧ୍ୟବାଧକତା ନଥିବ
୧୯. ଆମ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ମା'ଙ୍କୁ ନିଜ ହୃଦୟରେ ଅନୁଭବ କରୁଥିବେ
୨୦. ସ୍ୱତଃପ୍ରବୃତ୍ତ ଭାବରେ କାର୍ଯ୍ୟରେ ଅଂଶଗ୍ରହଣ କରୁଥିବେ-ଜୋର ଜବରଦସ୍ତ ନୁହେଁ
୨୧. ସ୍କୁଲର ପରିଚାଳନା ସମିତି ଏବଂ ଅପା/ଭାଇ ଏକତ୍ର ପାଠଚକ୍ର କରିବେ
୨୨. ବାର୍ଷିକ ତଥା ମାସିକ କାର୍ଯ୍ୟ ତାଲିକା ପ୍ରସ୍ତୁତ କରାଯିବ
୨୩. ଅନ୍ୟମାନଙ୍କ କାର୍ଯ୍ୟ ସହିତ ଆମ ଜୋନ୍‌ର କାର୍ଯ୍ୟକଳାପରେ ତାଳମେଳ ରହୁଥିବ
୨୫. ଆମ ଅପା/ଭାଇମାନେ ସମସ୍ତେ ନବଜୀବନ ଶିକ୍ଷା ସଂସଦ ଅନୁଷ୍ଠିତ କରୁଥିବା ଗ୍ରୀଷ୍ମକାଳୀନ ତାଲିମ ଶିବିରରେ ପ୍ରଶିକ୍ଷଣ ନେବେ।
୨୬. ପ୍ରତ୍ୟେକ କର୍ମୀମାନଙ୍କ ପାଇଁ ବ୍ଲକ୍, ଜିଲ୍ଲା ଏବଂ ଜୋନ୍ ସ୍ତରରେ ଗୋଟିଏ ଗୋଟିଏ ସ୍ୱାଧ୍ୟାୟ ଶିବିର ହେବ
୨୭. ପ୍ରତ୍ୟେକ ସଙ୍ଗଠକମାନେ ନିଜ ଅଞ୍ଚଳର କାର୍ଯ୍ୟ ସମ୍ପର୍କୀୟ ବିବରଣୀ ରଖୁଥିବେ

୨୮. ନିୟମିତ ରୂପେ ଜିଲ୍ଲାସ୍ତରୀୟ ଏବଂ ଜୋନ୍ ସ୍ତରୀୟ ସଙ୍ଗଠକମାନଙ୍କର ଆଲୋଚନା ସଭା ଅନୁଷ୍ଠିତ ହେବ

୨୯. ସାମୁହିକ କର୍ମରେ ଅନ୍ୟମାନଙ୍କର ପରାମର୍ଶକୁ ଗ୍ରହଣ କରିବା

୩୦. ନିଜ ନିଜ ଭିତରେ ମନୋମାଳିନ୍ୟ ହେଲେ ଶାନ୍ତ -ନୀରବ ରହି ମା'ଙ୍କୁ ପ୍ରାର୍ଥନା କରିବା

୩୧. ସମସ୍ତଙ୍କ ପ୍ରତି ଶ୍ରଦ୍ଧା ଓ ଶୁଭେଚ୍ଛା ରଖିବା, କାହାରି ବିରୁଦ୍ଧରେ ଆଲୋଚନା କରିବା ନାହିଁ

୩୨. ରାଜ୍ୟ ସଙ୍ଗଠକମାନଙ୍କ ସହିତ ଆବଶ୍ୟକମତେ ପରାମର୍ଶ କରିବା

୩୩. ରାଜ୍ୟର କାର୍ଯ୍ୟକ୍ରମଗୁଡ଼ିକ ସହିତ ସାମଞ୍ଜସ୍ୟ ରକ୍ଷାକରି ଜିଲ୍ଲାର ଏବଂ ଜୋନ୍‌ର କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରିବା

୩୪. କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କଲାବେଳେ ବ୍ଲକ, ଜିଲ୍ଲା ଓ ଜୋନ୍ ସ୍ତରରେ କଥାବାର୍ତ୍ତା ହେବା

୩୫. ନିଜକୁ ନିଷ୍ଠାପର ଭାବରେ କାର୍ଯ୍ୟରେ ସମ୍ପୃକ୍ତ କରାଇବା

୩୬. କୋରାପୁଟରେ ରାଜ୍ୟସ୍ତରୀୟ ବାଳିକା ସମ୍ମିଳନୀ ପାଇଁ ମହିଳାମାନଙ୍କୁ ତାଲିମ ଦେଇ ପ୍ରସ୍ତୁତ କରାଇବା

୩୭. ପୂର୍ଣ୍ଣାଙ୍ଗ ଶିକ୍ଷାର ସୁବର୍ଣ୍ଣ ଜୟନ୍ତୀ ପାଇଁ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଇତିହାସ ଥାଇ ଏକ ସ୍ମରଣିକା ପ୍ରକାଶ କରିବା

୩୮. ନିଜର ଅହଂ ଛାଡ଼ି ସତ୍ୟରେ ବାସ କରିବା

୩୯. ଅନ୍ୟମାନଙ୍କର ମତାମତକୁ ସମ୍ମାନ ଦେବା

୪୦. ନିୟମିତ ପାଠଚକ୍ରରେ ଯୋଗଦେବା

୪୧. ଜୁଲାଇ ମାସରେ ରାଜ୍ୟର କାର୍ଯ୍ୟକ୍ରମ ତାଲିକା ପାଇବା ପରେ ନିଜ ନିଜ ଜିଲ୍ଲାର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା

୪୨. ଡାଳିଯୋଡ଼ାଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ପାଳନ କରିବା

୪୩. ଦଶକର୍ମଧାରାର ପ୍ରତ୍ୟେକ କର୍ମଧାରା ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା

ଏ ସମସ୍ତ ପ୍ରସ୍ତାବ ପଢ଼ାଯିବା ପରେ ପ୍ରସାଦ ତ୍ରିପାଠୀ ଏବଂ ଗଦାଧର ମିଶ୍ର ନିମ୍ନଲିଖିତ ପ୍ରସ୍ତାବ ଦେଇଥିଲେ।

ପ୍ରସାଦ ତ୍ରିପାଠୀ- ଆମ ଭିତରେ ସମସ୍ତ ସାମର୍ଥ୍ୟ ଅଛି ମାତ୍ର ଆମେ ସଚେତନ ନୋହୁଁ। ମା'ଙ୍କ କୃପାରୁ ଆମେ ଅସାଧ୍ୟ ସାଧନ କରିପାରିବୁ ଏପରିକି ଅତିମାନବ ହେବାପାଇଁ ମଧ୍ୟ ଆମ ମଧ୍ୟରେ କାର୍ଯ୍ୟ ଚାଲିଛି।

ଗଦାଧର ମିଶ୍ର - ଜୋନାଲ ସଙ୍ଗଠକମାନେ ଯଦି ପରିବର୍ତ୍ତନ ହେବେ ତେବେ ତାହା ସେମାନଙ୍କର ଜୁନ୍ ମାସର ଜୋନାଲ ସ୍ତରୀୟ ପ୍ରସ୍ତୁତି ବୈଠକରେ ସିଦ୍ଧାନ୍ତ ନେଇ କରାଯିବ ଏବଂ ରାଜ୍ୟ ସଙ୍ଗଠକଙ୍କୁ ତାହା ଜଣାଇଦିଆଯିବ।

ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ସଙ୍ଗଠକମାନେ ମଧ୍ୟ ଜୁନ୍‌ର ପ୍ରସ୍ତୁତି ବୈଠକରେ ସ୍ଥିର କରାଯିବେ

ଏବଂ ଜୁଲାଇ ମାସର ସାଙ୍ଗଠନିକ ସଭାରେ ସେମାନଙ୍କର ନାମ ଘୋଷଣା କରାଯିବ। ତେଣୁ ନିମ୍ନମତେ ସିଦ୍ଧାନ୍ତ କରାଗଲା।

୧. ଜୋନାଲ ପ୍ରସ୍ତୁତି ବୈଠକ ଜୁଲାଇ ପୂର୍ବରୁ ସବୁ ଜୋନ୍‌ରେ କରାଯାଇ ସେମାନଙ୍କର ସଙ୍ଗଠକମାନେ ବଛାଯିବେ। ଜୋନାଲ କାର୍ଯ୍ୟକ୍ରମ ସ୍ଥିର କରାଯିବ ଏବଂ ପ୍ରତ୍ୟେକ ସ୍ଥାନରେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ।

୨. **ସଙ୍ଗତି:** ଆମର ପ୍ରଥମ ଦାୟିତ୍ୱ ହେଲା ସଙ୍ଗତି ଏବଂ ଯେକୌଣସି ମୂଲ୍ୟ ଦେଇ ଆମକୁ ସଙ୍ଗତି ରକ୍ଷା କରିବାକୁ ପଡ଼ିବ। ମା'ଙ୍କ ନିକଟରେ ସମସ୍ତେ ନିଷ୍ଠାର ସହିତ, ଶ୍ରଦ୍ଧାର ସହିତ, ସହନଶୀଳତାର ସହିତ ସମର୍ପିତ ହେବା। ଆମର ଉଦ୍ୟମ ନିଶ୍ଚୟ ସଫଳ ହେବ।

୩. **ସମାନତା (Uniformity) :** କେତେଗୁଡ଼ିଏ ବାହ୍ୟ ଆବଶ୍ୟକତା ପାଇଁ ଆମେ uniformity ରକ୍ଷା କରିବୁ। ଯେପରି ପୋଷାକ, ପ୍ରତ୍ୟେକ ସ୍କୁଲର ପୋଷାକ ସମାନ ହେବା ଉଚିତ। ପୁଅମାନଙ୍କର ନର୍ସରୀଠାରୁ ଦଶମ ଧଳା ହାଫ୍ ସାର୍ଟ- ଗ୍ରୀନ ହାପ୍ ପ୍ୟାଣ୍ଟ। ଧଳା ଜୋତା ଓ ଧଳା ମୋଜା। ଝିଅମାନଙ୍କର ଉପରେ ଗ୍ରୀନ୍ ଟ୍ୟୁନିକ୍।

ଶ୍ରେଣୀରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ସବୁ ସ୍କୁଲରେ ଅପା/ଭାଇ ସମ୍ବୋଧନ କରାଯିବ। ଯେଉଁ ସ୍ଥାନରେ ସାର୍ ମ୍ୟାଡ଼ାମ୍ ଡାକୁଛନ୍ତି, ସେଠାରେ ଆସ୍ତେ ଆସ୍ତେ ପରିବର୍ତ୍ତନ କରାଯିବ। NLET ପ୍ରସ୍ତୁତ ପାଠ୍ୟପୁସ୍ତକ ସବୁ ସ୍କୁଲରେ ପ୍ରଚଳନ କରାଯିବ। ଯଦି ପୁସ୍ତକ କୌଣସି କାରଣରୁ ନାପସନ୍ଦ ହେବ ତେବେ ତାକୁ ସ୍କୁଲରେ ନଚଳାଇବା ସିଦ୍ଧାନ୍ତ ନେବା ପରିବର୍ତ୍ତେ ତା'ର ଭୁଲତ୍ରୁଟି ସଂଶୋଧନ କରାଯିବ।

ଟ୍ରଷ୍ଟ ସଙ୍ଗଠକ ଏବଂ ଜୋନାଲ ସଙ୍ଗଠକମାନେ ନିୟମିତ ଭାବରେ ସ୍କୁଲ ପରିଦର୍ଶନ କରିବେ ଏବଂ ଆବଶ୍ୟକମତେ ପରାମର୍ଶ ଦେବେ।

ସ୍କୁଲର ଆୟବ୍ୟୟ ହିସାବ (Accounts) ଅତ୍ୟନ୍ତ ସ୍ପଷ୍ଟ ତଥା ସ୍ୱଚ୍ଛ ରହିବ। ନିୟମିତ ଭାବରେ ଅଭିଭାବକ ସଭା ଅନୁଷ୍ଠିତ ହେବ। ନିୟମିତ ରୂପେ ସ୍କୁଲର ଶିକ୍ଷଣ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ସମାନତା ରଖି କରାଯିବ। ମାସିକ, ଛମାସିକ, ବାର୍ଷିକ ପରୀକ୍ଷା ଇତ୍ୟାଦିରେ ମଧ୍ୟ ପରସ୍ପର ସହିତ ସାମଞ୍ଜସ୍ୟ ରକ୍ଷା କରାଯିବ।

ନୂଆ ସ୍କୁଲ ପରିଦର୍ଶନ - ସହବନ୍ଧନ ପାଇଁ ସାଙ୍ଗହୋଇ ପରିଦର୍ଶନ କରାଯିବ।

୪. **କାର୍ଯ୍ୟଅଞ୍ଚଳ :** ଏହା ଭୌଗୋଳିକ ଅଞ୍ଚଳ ନୁହେଁ। ଦାୟିତ୍ୱ ଏବଂ ବିଭାଗ ଅନୁଯାୟୀ ଅଞ୍ଚଳ। ଅର୍ଥାତ୍ Academic, Construction, Outward activity, Physical Education ପ୍ରଭୃତିର ଦାୟିତ୍ୱ ନେଇ କାର୍ଯ୍ୟ କରିବା। ଏହା ବ୍ୟତୀତ ଦଶକର୍ମଧାରା ମଧ୍ୟ ଗୋଟିଏ ଗୋଟି ବିଭାଗ ମାତ୍ର ସମସ୍ତେ ସବୁ କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ- କେହି କାହାରି କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ମାତ୍ର ସହଯୋଗ କରିବେ।

୫. **ବାର୍ଷିକ କ୍ୟାଲେଣ୍ଡର :** ସମସ୍ତେ ରାଜ୍ୟ ଏବଂ ଜୋନାଲ କାର୍ଯ୍ୟକ୍ରମରେ ନିଶ୍ଚୟ ଯୋଗଦେବେ। ରାଜ୍ୟର ସମସ୍ତ କାର୍ଯ୍ୟକ୍ରମ ପାଇଁ ତାରିଖ ନିର୍ଦ୍ଦିଷ୍ଟ ସେଇ ଅନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରାଯିବ।

**୬. ସୁବର୍ଣ୍ଣ ଜୟନ୍ତୀ ପାଳନ :** କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ରାଜ୍ୟସ୍ତରୀୟ ତିନୋଟି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ। ଏକ ସ୍ୱତନ୍ତ୍ର ସ୍ମରଣିକା ପ୍ରକାଶ କରାଯିବ। ଖବର କାଗଜମାନଙ୍କରେ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ବିଭିନ୍ନ ପ୍ରସଙ୍ଗରେ ଲେଖା ପ୍ରକାଶ କରାଯିବ ଏବଂ ରାଜ୍ୟସ୍ତରୀୟ ଏକ ଅଭ୍ୟର୍ଥନା କମିଟି ଗଠନ କରାଯିବ।

ଏହାପରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟିଙ୍କ ତରଫରୁ ଆସିଥିବା ପତ୍ର ପ୍ରସାଦ ତ୍ରିପାଠୀ ପାଠକରିଥିଲେ। ସେଥିରେ ନିମ୍ନ ଲିଖିତ ବିଷୟ ଉଲ୍ଲେଖ ଥିଲା।

ମା'ଙ୍କ ଫଟୋ, ଦସ୍ତଖତ, ହାତଲେଖା ବାଣୀ ପ୍ରଭୃତିକୁ ଆଶ୍ରମ ଟ୍ରଷ୍ଟର ବିନା ଅନୁମତିରେ ଛାପିବା ଦୋଷାବହ। ଏହା Copyright rulesର ବିରୋଧାଚରଣ କରେ। ତେଣୁ ଏହାକୁ ତୁରନ୍ତ ବନ୍ଦ କରାଯିବା ଉଚିତ। ଅବଶ୍ୟ ଅନୁମତି ନେଇ କରାଯାଇପାରେ। ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସମ୍ପର୍କରେ ସ୍ପଷ୍ଟୀକରଣ ନେଇ ଯେଉଁ ପତ୍ର ଆସିଥିଲା ତାହା ମଧ୍ୟ ପାଠ କରାଯାଇ ଆଲୋଚନା କରାଗଲା।

ଶେଷରେ ଗୋଟିଏ ମିନିଟ ନିରବତା ସହିତ ସଭା ସାଙ୍ଗ କରାଗଲା।

●

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଙ୍କଳନ

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଆସନ୍ତା ୩୦ ଏପ୍ରିଲ ୨୦୨୨ ରୁ ୩୦ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ପାଳନ କରାଯିବ। ଏହା ପୂର୍ବରୁ ତାଙ୍କ ରଚନାର ଏକ ସଙ୍କଳନ ପ୍ରକାଶ ପାଇବା ନିମନ୍ତେ ଚେଷ୍ଟା କରାଯାଉଛି। ଏହି ଉପଲକ୍ଷ୍ୟେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଶ୍ରୀ ପ୍ରପତ୍ତିଙ୍କ ଚିଠି ଏବଂ ଫଟୋ ଯଦି କାହା ନିକଟରେ ଥାଏ, ତେବେ ଚିଠିର ଜେରକ୍ସ ଏବଂ ଫଟୋକୁ ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩ ଠିକଣାରେ ପଠାଇବେ।

## ମାତୃଭବନରେ ଚିତ୍ରକଳା ଶିକ୍ଷାଦେବା ନିମନ୍ତେ କର୍ମୀ ଆବଶ୍ୟକ

ମାତୃଭବନ ସ୍କୁଲରେ ଚିତ୍ରକଳା ଶିକ୍ଷାଦେବାପାଇଁ କର୍ମୀ ଆବଶ୍ୟକ। ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ମା'ଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଥିବା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ। ପ୍ରାର୍ଥୀ ନିଜେ ପାଠଚକ୍ର କରୁଥିବେ କିମ୍ବା କୌଣସି ପାଠଚକ୍ର ସହିତ ସମ୍ପୃକ୍ତ ଥିବା ଆବଶ୍ୟକ। ପ୍ରାର୍ଥୀଙ୍କୁ ତୁରନ୍ତ ସ୍କୁଲର ଅଧକ୍ଷାଙ୍କ ସହିତ କିମ୍ବା ୯୪୩୭୦୨୩୪୦୭ ଫୋନ୍‌ରେ ଯୋଗାଯୋଗ କରିବାକୁ ଅନୁରୋଧ।

ପ୍ରକାଶ ଥାଉକି ଚିତ୍ରକଳା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାଗତ ଯୋଗ୍ୟତା ନଥାଇ କେବଳ ସେଥି ପ୍ରତି ଶ୍ରଦ୍ଧାଥିଲେ ଏବଂ ଶିଖାଇବାର ଜଣା ଥିଲେ ବି ପ୍ରାର୍ଥୀ ଯୋଗାଯୋଗ କରିପାରନ୍ତି।

# ୧୪ ଅଗଷ୍ଟ ୨୦୧୮
# ସ୍ୱନକ୍ଷତ୍ର ଦିବସ



ପରମପୂଜ୍ୟ ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କର
୧୧୦ତମ ପବିତ୍ର ଜନ୍ମଦିବସରେ 'ମାତୃଭବନ ପତ୍ର'
ଅଗଣିତ ମାତୃସନ୍ତାନମାନଙ୍କ ସହିତ
ତାଙ୍କ ଶ୍ରୀଚରଣରେ ବିନମ୍ର ପ୍ରଣତି ଜଣାଉଅଛି।

THE MATRUBHABAN PATRA
Date of Publication 19.07.2017 JULY 2018
RNI Regn. No. 65218/91 Registered OR/CK (C) -22/2015-17

## କଟକ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର, ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରତ୍ୟେକ ଅପା/ଭାଇ, ପରିଚାଳକ ଭାଇଭଉଣୀମାନଙ୍କ ପାଇଁ

ପରମ ଶ୍ରଦ୍ଧେୟ ଭାଇଭଉଣୀମାନେ,

ଶ୍ରଦ୍ଧା ଓ ଶୁଭେଚ୍ଛା ନେବେ । ଆସନ୍ତା **ଜୁଲାଇ ୩୦ ତାରିଖ ସୋମବାର** କଟକ ଜିଲ୍ଲାର ବାର୍ଷିକ ସଙ୍ଗଠନ ଦିବସ । ଏହା ଆମ ଜିଲ୍ଲାରେ ଥିବା ସମସ୍ତ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ତଥା ଶିକ୍ଷାକେନ୍ଦ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଆମ୍ଭେମାନେ ଏହି ଦିବସରେ ସମସ୍ତେ ଏକତ୍ର ସମାବେଶ ହୋଇ ଗତ ବର୍ଷକ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରୁ ଏବଂ ଆଗାମୀ ବର୍ଷକ ପାଇଁ କିଛି ନୂତନ କାର୍ଯ୍ୟକ୍ରମ ହାତକୁ ନେଉ । କଟକ ଜିଲ୍ଲାର ସମସ୍ତ ମାତୃସନ୍ତାନ ଜୁଲାଇ ୩୦ ତାରିଖକୁ ସେଥିପାଇଁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା ରଖିଥାନ୍ତି । ଏହି ଦିନର ଗୁରୁତ୍ୱକୁ ଉପଲବ୍ଧି କରି **ନବଜୀବନ ଶିକ୍ଷାସଂସଦ ମଧ୍ୟ ସିଦ୍ଧାନ୍ତ ନେଇ ସାରିଛି ଯେ ପ୍ରତ୍ୟେକ ଜିଲ୍ଲାର ସାଙ୍ଗଠନିକ ଦିବସରେ ଉକ୍ତ ଜିଲ୍ଲାର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବନ୍ଦ ରଖି ଶିକ୍ଷାକେନ୍ଦ୍ରର ସମସ୍ତ ପରିଚାଳନା ସଦସ୍ୟ ତଥା ଅପାଭାଇ ନିଶ୍ଚୟ ଜିଲ୍ଲାର ସାଙ୍ଗଠନିକ ଆଲୋଚନା ସଭାରେ ଭାଗନେବେ ।** ଏହି ସିଦ୍ଧାନ୍ତର ଫଳ ସ୍ୱରୂପ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ମାତୃକର୍ମୀ ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଅପାଭାଇମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଆଗ୍ରହ ପରିଦୃଷ୍ଟ ହେଉଅଛି ।

ମା'ଙ୍କ କୃପାରୁ କଟକ ଜିଲ୍ଲାର ସମସ୍ତ ମାତୃକର୍ମୀମାନଙ୍କ ମଧ୍ୟରେ ଅନୁରୂପ ଆଗ୍ରହ ଓ ଉତ୍ସାହ ଅତୀତରେ ଅନେକ ଭାବରେ ପ୍ରକାଶ ପାଇଅଛି ।

**ତେଣୁ ସମସ୍ତ ଜିଲ୍ଲା ସଙ୍ଗଠକ, ସବ୍‌ଡିଭିଜନାଲ ସଙ୍ଗଠକ, ବ୍ଲକ ସଙ୍ଗଠକ ଏବଂ ପ୍ରତ୍ୟେକ ଗ୍ରାମପଞ୍ଚାୟତ ସଙ୍ଗଠକଙ୍କ ସହିତ ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା ସମିତିର ସମସ୍ତ ସଭ୍ୟସଭ୍ୟା, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପାଭାଇ, ପ୍ରତ୍ୟେକ ଶ୍ରୀଅରବିନ୍ଦ ପାଠଚକ୍ରର ସମସ୍ତ ସଭ୍ୟସଭ୍ୟା ତଥା ଦଶକର୍ମଧାରାର ସମସ୍ତ କର୍ମୀମାନଙ୍କ ସହିତ ଜିଲ୍ଲାର ପ୍ରତ୍ୟେକ ମାତୃସନ୍ତାନ କଟକ ମାତୃଭବନଠାରେ ୩୦ ଜୁଲାଇ ରବିବାର ଦିନ ପୂର୍ବାହ୍ନ ୯.୩୦ ପୂର୍ବରୁ ନିଶ୍ଚୟ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ତେଣୁ ଆପଣମାନେ ସେଦିନ କୌଣସି କାମ ନରଖି ନିଶ୍ଚୟ ଉକ୍ତ ସଭାରେ ଯୋଗଦେବେ । ଦୟାକରି ଏହି ପତ୍ରକୁ ଯଥେଷ୍ଟ ଗୁରୁତ୍ୱ ଦେବେ ।**

ଶ୍ରଦ୍ଧା ଓ ସମ୍ମାନର ସହ— ଆପଣମାନଙ୍କର

(ବାବୁଲି ଭାଇ)

ସମ୍ପାଦକ - ଗଦାଧର ମିଶ୍ର
ପରିଚାଳନା - ପ୍ରସାଦ

Printed, Published & Edited by Sri Gadadhar Mishra on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.

*E-mail - matrubhaban@gmail.com* *Please visit us at : www.motherorissa.com*